ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.279 Bhubaneswar Saturday December 24 2022 | ୨୫ତମ ବର୍ଷ ସଂଖ୍ୟା–୨୭୮ ଭୁବନେଶ୍ୱର, ଶନିବାର, ଡିସେମ୍ବର ୨୪, ୨୦୨୨ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS

ଯବାନଙ୍କ ଗାଡି ଦୁର୍ଘଟଣାଗ୍ରସ୍ତ: ୧୬ ମୃତ, ୪ ଗୁରୁତର

ନୂଆଦିଲ୍ଲୀ,୨୨।୧୨(ପି.ଏନ): ଭାରତ-ଚ଼ୀନ ସୀମାରେ ଘଟିଛି ମର୍ମନ୍ତୁଦ ସଡକ ଦୁର୍ଘଟଣା। ଭାରତୀୟ ସେନାର ଯବାନଙ୍କୁ ନେଇ ଯାଉଥିବା ଏକ ଗାଡି ଦୁର୍ଘଟଣାଗ୍ରସ୍ତ ହେବାରୁ ୧୬ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତରଙ୍କୁ ବେଙ୍ଗଲ ଆର୍ମି ହସ୍‌ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ସକାଳ ପ୍ରାୟ ୮ଟା ବେଳେ ଉତ୍ତର ସିକିମର ଜେମା ନିକଟରେ ଏହି ଦୁର୍ଘଟଣା ଘଟିଛି। ଯବାନଙ୍କୁ ନେଇ ଘାଟି ରାସ୍ତାରେ ଯାଉଥିବା ଗାଡିଟି ଏକ ବୁଲାଣିରେ ଭାରସାମ୍ୟ ହରାଇ ପ୍ରାୟ ୧୦୦ ଫୁଟ୍ ତଳକୁ ଖସି ପଡିଥିଲା। ଗାଡିଟି ଚୁରମାର ହୋଇଯାଇଥିବା ବେଳେ ଘଟଣାସ୍ଥଳରେ ହିଁ ୧୩ ଜଣ ଯବାନ ଓ ୩ ଜଣ ଜୁନିଅର କମିସନ୍‌ଡ ଅଫିସରଙ୍କ ମୃତ୍ୟୁ ଘଟିଥିଲା।ସେନାର ଏହି ଗାଡିଟି ଯବାନଙ୍କୁ ନେଇ ଚ଼ାଟେନ୍‌ରୁ ଥାଙ୍ଗୁ ଅଭିମୁଖେ ଯାଉଥିଲା। ଏହି ଗାଡି ସହିତ ସେନାର ଆଉ ଦୁଇଟି ଗାଡି ମଧ୍ୟ ଯାଉଥିଲେ। ଖବର ମିଳିବା ମାତ୍ରେ ସେନା ପକ୍ଷରୁ ତୁରନ୍ତ ଉଦ୍ଧାର କାର୍ଯ୍ୟ କରାଯାଇଥିଲା। ଗୁରୁତର ଆହତ ହୋଇଥିବା ୪ ଯବାନଙ୍କୁ ଉଦ୍ଧାର କରି ଏୟାର ଲିଫ୍ଟ କରାଯାଇ ବେଙ୍ଗଲ ଆର୍ମି ହସ୍‌ପିଟାଲ୍‌କୁ ନିଆଯାଇଥିଲା।

ଆସନ୍ତା ୨୮ରେ ଦିନିକିଆ ଓଡିଶା ଗସ୍ତରେ ଆସିବେ ଜେ.ପି.ନଡ୍ଡା

ଭୁବନେଶ୍ୱର,୨୨।୧୨(ପି.ଏନ): ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ଆସନ୍ତା ୨୮ ତାରିଖରେ ଦିନିକିଆ ଓଡିଶା ଗସ୍ତରେ ଆସୁଛନ୍ତି । ଗସ୍ତ ଅବସରରେ ଶ୍ରୀ ନଡ୍ଡା କନ୍ଧମାଳ ଓ ପୁରୀ ଲୋକସଭା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ରାଜ୍ୟ ସାଧାରଣ ସଂପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି। ପାର୍ଟିର ସଂଗଠନକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଶ୍ରୀ ନଡ୍ଡା କାର୍ଯ୍ୟକର୍ତାଙ୍କ ସହ ଆଲୋଚନା କରିବେ। ଏଥି ସହ ଗତ ୮ବର୍ଷ ଶାସନରେ ମୋଦୀ ସରକାର ଓଡ଼ିଶା ଏବଂ ଓଡିଶାବାସୀଙ୍କ କଲ୍ୟାଣ ପାଇଁ ଲାଗୁ କରିଥିବା ବିଭିନ୍ନ ଜନକଲ୍ୟାଣ ଯୋଜନା ଓ ବିକାଶମୂଳକ କାର୍ଯ୍ୟ ସଂପର୍କରେ ଆଲୋଚନା କରିବା ସହିତ ତୃଣମୂଳ ସ୍ତରରେ ଏହାର କାର୍ଯ୍ୟକାରିତାକୁ ପହଂଚାଇବାର ଆଲୋଚନା କରିବେ ବୋଲି ଡ.ଲେଖାଶ୍ରୀ ସୁଚନା ଦେଇଛନ୍ତି ।



୩ ଦିନିଆ ଇଡି ରିମାଣ୍ଡରେ ଜଗବନ୍ଧୁ ଚାନ୍ଦ

ଭୁବନେଶ୍ୱର, ୨୨।୧୨(ପି.ଏନ): ବହୁଚର୍ଚ୍ଚିତ ହନି ଟ୍ରାପ ଓ ବ୍ଲାକ ମେଲିଂ ମାମଲା ସହ ଜଡିତ ଲେଡି ବ୍ଲାକମେଲର ଅର୍ଚ୍ଚନା ନାଗଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କୁ ଇଡି ଗିରଫ କରିଛି। ଏହାସହ ଜଗବନ୍ଧୁ ଚାନ୍ଦଙ୍କୁ ପ୍ରବର୍ତନ ନିର୍ଦ୍ଦେଶାଳୟ ୩ ଦିନିଆ ରିମାଣ୍ଡରେ ନେଇଛି। ସୂଚନା ଅନୁସାରେ ରିମାଣ୍ଡ ପାଇଁ ଇଡି ୫ ଦିନର ଆବେଦନ କରିଥିଲା। କିନ୍ତୁ କୋର୍ଟ ୩ ଦିନ ରିମାଣ୍ଡ ଅନୁମତି ଦେଇଛନ୍ତି। ରିମାଣ୍ଡ ଅବଧି ଶେଷ ହେଲା ପରେ ଜଗବନ୍ଧୁଙ୍କୁ ଇଡି ଡିସେମ୍ବର ୨୬ ତାରିଖରେ କୋର୍ଟରେ ହାଜର କରିବ। ସୂଚନାଯୋଗ୍ୟ, ଜଗବନ୍ଧୁଙ୍କୁ ଇଡି ପ୍ରଥମ ପର୍ଯ୍ୟାୟରେ ୯ ଦିନ ପାଇଁ ରିମାଣ୍ଡରେ ନେଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ରିମାଣ୍ଡରେ ଇଲେକ୍ଟ୍ରୋନିକ ଗ୍ୟାଜେଟ ସମ୍ପର୍କରେ ପଚରାଉଚରା କରାଯିବ। ଏହା ସହିତ ଆଗାମୀ ୨ ତାରିଖ ପର୍ଯ୍ୟନ୍ତ ଅର୍ଚ୍ଚନା ଏବଂ ଖଗେଶ୍ୱରଙ୍କ ବିଚାର ବିଭାଗୀୟ ହାଜତ ସମୟ ସୀମା ବଢ଼ିଛି ।

ବିଧାୟକଙ୍କ ଦରମା ବୃଦ୍ଧି ପ୍ରସ୍ତାବକୁ ସିପିଏମ୍ ବିଧାୟକଙ୍କ ବିରୋଧ

ଭୁବନେଶ୍ୱର,୨୨।୧୨(ପି.ଏନ): ବିଧାୟକମାନଙ୍କ ଭତା, ବେତନ ଭତା ଓ ପେନସନ୍ ବୃଦ୍ଧି ପ୍ରସ୍ତାବକୁ ବିରୋଧ କରିଛନ୍ତି ବଣେଇର ସିପିଆଇଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା। ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସେ କହିଛନ୍ତି ବିଧାୟକମାନଙ୍କ ବେତନ ଓ ଭତା ବୃଦ୍ଧି ସମ୍ପର୍କରେ ଓଡିଶା ରାଜ୍ୟ ବିଧାନସଭାର ଗୃହ କମିଟି ବିଧାୟକମାନଙ୍କର ଭତା, ଦରମା ଆଦି ବୃଦ୍ଧି ନିମନ୍ତେ ପ୍ରସ୍ତାବ ଗ୍ରହଣ କରି ସୁପାରିଶ କରିଛି ବୋଲି ସମ୍ବାଦ ପତ୍ରରେ ଯାହା ପ୍ରକାଶ ପାଇଛି ତାହା ମୋ ଦୃଷ୍ଟିକୁ ଆସିଛି। ଏହି ବୈଠକରେ ଯେଉଁ ଉପସ୍ଥାନ ଗ୍ରହଣ କରାଯାଇଥିଲା, ସେଥିରେ ମୁଁ ସ୍ୱାକ୍ଷର କରିଛି। ମାତ୍ର ବୈଠକରେ ଉପସ୍ଥାପିତ ଚୁଡାନ୍ତ ପ୍ରସ୍ତାବ ଦେଖିନାହିଁ କି ସେଥିରେ ସ୍ୱାକ୍ଷର କରିନାହିଁ।

ସାଇକେଲ ଚ଼ାଳିକା ସ୍ୱାସ୍ତୀ ସିଂହ ପାଇଲେ ଏକଲବ୍ୟ ପୁରସ୍କାର

ଭୁବନେଶ୍ୱର,୨୨।୧୨(ପି.ଏନ): ଶ୍ରେଷ୍ଠ କ୍ରୀଡ଼ା ପ୍ରଦର୍ଶନ ପାଇଁ ସାଇକେଲ ଚ଼ାଳିକା ସ୍ୱାସ୍ତୀ ସିଂହଙ୍କୁ ଦିଆଗଲା ୩୦ତମ ଏକଲବ୍ୟ ପୁରସ୍କାର। ଇମ୍ପାକ୍ଟ ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସ୍ୱାସ୍ତୀ ସିଂହଙ୍କୁ ମାନପତ୍ର ଓ ଫଳକ ସହ ୫ ଲକ୍ଷ ଟଙ୍କାର ନଗଦ ରାଶି ପ୍ରଦାନ କରାଯାଇଛି। ଏଥିସହ ଉଦୀୟମାନ ଫୁଟବଲ୍ ତାରକା ପ୍ୟାରୀ ଖାଖା ଓ ହକି ଖେଳାଳି ଶିଳାନନ୍ଦ ଲାକ୍ରାଙ୍କୁ ମଧ୍ୟ ମାନପତ୍ର ସହ ପଚ଼ାଶ ହଜାର ଟଙ୍କାର ଚେକ୍ ? ପ୍ରଦାନ କରାଯାଇଛି।ଆଜିର ଉତ୍ସବରେ ମୁଖ୍ୟଅତିଥିଭାବେ ପଦ୍ମଭୂଷଣ ପଙ୍କଜ ଆଡ଼ଭାନୀ ଓ ସମ୍ମାନିତ ଅତିଥିଭାବେ ଏସିଆନ୍ ଗେମ୍ସ ପଦକ ବିଜେତା ପ୍ରଣତି ମିଶ୍ର ଯୋଗଦେଇଥିଲେ। ଇମ୍ପାକ୍ଟର ଟ୍ରଷ୍ଟି ତଥା ୨୦୨୨ ଏକଲବ୍ୟ ପୁରସ୍କାର କମିଟିର ଚେୟାରମ୍ୟାନ ବୈଜୟନ୍ତ ପଣ୍ଡାଙ୍କ ସହ ପୁରସ୍କାର ଜୁରି କମିଟିର ସଦସ୍ୟମାନେ ମଧ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।କ୍ରୀଡ଼ାରେ ସଫଳତା ଅର୍ଜନ କରୁଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନ ଉଦ୍ଦେଶ୍ୟରେ ଇମ୍ପା ଦ୍ୱାରା ପରିଚ଼ାଳିତ ଇମ୍ପାକ୍ଟ ଦ୍ୱାରା ୧୯୯୩ ମସିହାରେ ଏକଲବ୍ୟ ପୁରସ୍କାର ପ୍ରତିଷ୍ଠା କରାଯାଇଥିଲା। କ୍ରୀଡା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ନିମନ୍ତେ ଯୁବ ଓଡିଆ କ୍ରୀଡାବିତମାନଙ୍କୁ ପ୍ରତିବର୍ଷ ଏହି ପୁରସ୍କାର ପ୍ରଦାନ କରାଯାଇଉଛି। ସ୍ୱାସ୍ତୀ ସିଂହ କହିଛନ୍ତି, "ଏକଲବ୍ୟ ପୁରସ୍କାର ମିଳିଥିବାରୁ ବହୁତ ଖୁସି ଲାଗୁଛି। ସେଥିପାଇଁ ମୁଁ ଶିଲା ନନ୍ଦ ଭାଇ ଓ ପ୍ୟାରୀ ଖାଖାକୁ ଅଭିନନ୍ଦନ ଜଣାଉଛି। ଏହି ପୁରସ୍କାର ମୋତେ ମୋତେ ଆଗକୁ ବଢ଼ିବା ପାଇଁ ବହୁ ସାହାର୍ଯ୍ୟ କରିବ। ଆଗକୁ ଏସିଆନ୍ ଗେମ୍ସ ଓ ଏସିଆର୍ ଚ଼ାମ୍ପିଅନ୍‌ସିପ୍ ରହିଛି। ତାହା ଉପରେ ଫୋକ୍‌ସ କରୁଛି। ବିଶେଷ କରି ଏସିଆନ୍ ଗେମ୍ସରେ କେମିତି ପଦକ ଆଣିବି, ତାହା ଉପରେ ଲକ୍ଷ୍ୟ ରହିଛି।"

କଟକ , ବରଗଡରୁ ନକଲି ଔଷଧ ଜବତ

ଭୁବନେଶ୍ୱର,୨୨।୧୨(ପି.ଏନ): ନକଲି ଔଷଧ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କ୍ରମରେ ଶୁକ୍ରବାର କଟକ ଓ ବରଗଡର ଦୁଇଟି ଗୋଦାମରୁ ନକଲି ଔଷଧ ଜବତ କରାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଶ୍ରୀମତି ଶାଳିନୀ ପଣ୍ଡିତ୍ କହିଛନ୍ତି ସନ୍ଦେହାତ୍ମକ ଔଷଧ ପ୍ରସ୍ତୁତିରେ ଲିପ୍ତ ସଂସ୍ଥାକୁ ଔଷଧର ପରୀକ୍ଷା ବିବରଣୀ ସହ ସବିଶେଷ ତଥ୍ୟ ଦେବା ପାଇଁ କୁହାଯାଇଥିଲା। ତାଙ୍କଠାରୁ ମିଳିଥିବା ତଥ୍ୟର ବୈଧତା ତନଖି କରି ପ୍ରାୟ ୧୧ ପ୍ରକାର ସନ୍ଦେହାତ୍ମକ ଔଷଧ କଟକ ପୁରୀଘାଟସ୍ଥିତ ଏମ୍.ଏଚ୍. ଫାର୍ମାସୁଟିକାଲ୍ ଷ୍ଟୋରରୁ ଜବତ କରାଯାଇଛି। ଜବତ ଔଷଧର ମୂଲ୍ୟପ୍ରାୟ ୨୩.୨୩ ଲକ୍ଷ ଟଙ୍କା ହେବବୋଲି ଜଣାପଡିଛି । ଏହିସବୁ ଔଷଧ ପଡୋଶୀ ରାଜ୍ୟ ଉତର ପ୍ରଦେଶରୁ ଆସିଥିବାର ଜଣାପଡିଥିଲା। ଏହାଛଡା ବରଗଡର ଅଶୋକ ମେଡିକାଲ ଷ୍ଟୋରରୁ ମଧ୍ୟ ସନ୍ଦେହାତ୍ମକ ଔଷଧ ଜବତ କରାଯାଇଛି। ଅଶୋକ ମେଡିକାଲରୁ ଜବତ ଔଷଧକୁ ସନ୍ଦେହାତ୍ମକ ଭିତିରେ ପୂର୍ବରୁ ଅଲଗାକରି ତାହାର ବିକ୍ରୀ ବନ୍ଦ କରାଯାଇଥିଲା।ଶ୍ରୀମତୀ ପଣ୍ଡିତ୍ ଆହୁରି ମଧ୍ୟ କହିଥିଲେ ଯେ ଓଡିଶାର ପ୍ରବର୍ତନ ଟିମଙ୍କୁ ଔଷଧ ଆସୁଥିବା ରାଜ୍ୟର ପ୍ରବର୍ତନ ବ୍ୟବସ୍ଥାସହ ଯୋଗାଯୋଗ ସଘନ କରିବାକୁ କୁହାଯାଇଛି। ଏହାଦ୍ୱାରା ନକଲି ଔଷଧର ଆମଦାନି ଓ ଯୋଗାଣକୁ ବନ୍ଦ କରାଯାଇ ପାରିବ, ଏବଂ ଧରାପଡିଥିବା ନକଲି ଔଷଧ ପ୍ରସ୍ତୁତକାରୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ଔଷଧ ପ୍ରବର୍ତନ ଟିମମାନେ ବଜାରରେ ଉପଲବ୍ଧ ଔଷଧ ଗୁଡିକର ଯାଂଚ୍ ବ୍ୟାପକ କରିବାସହ କୌଣସି ପ୍ରକାର ସନ୍ଦେହାତ୍ମକ କାର୍ଯ୍ୟ ଦୃଷ୍ଟିକୁ ଆସିବାମାତ୍ରେ ବିକ୍ରିବନ୍ଦ ନିର୍ଦ୍ଦେଶ ଜାରି କରିବେ ବୋଲି ଶ୍ରୀମତି ପଣ୍ଡିତ୍ କହିଥିଲେ।

ବିଚିତ୍ର ନୀତି: ତାର ଟାଣିଲା ବିଦ୍ୟୁତ ବିଭାଗ, ଦଣ୍ଡ ପାଇଲେ ଚ଼ାଷୀ

ଦେବଗଡ, ୨୨।୧୨(ପି.ଏନ): କମଳା ବଗିଚ଼ାକୁ ତାର ଟାଣିଲା ବିଦ୍ୟୁତ୍ ବିଭାଗ। ସେହି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମଲା ମାଈ ହାତୀ। ସେଥିପାଇଁ ଦଣ୍ଡ ଭୋଗିଲେ ଦୁଇ ଚ଼ାଷୀ। ହେଲେ ବିଦ୍ୟୁତ୍ ବିଭାଗକୁ ସାତଖୁନ ମାଫ୍। ସେମାନଙ୍କ ବିରୋଧରେ କାଣିଚ଼ାଏ ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲାନାହିଁ ବନ ବିଭାଗ। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବନ ବିଭାଗର ଏପରି ବିଚିତ୍ର ଚ଼ିତ୍ର ଆସିଛି ଦେବଗଡ ଜିଲ୍ଲାରୁ। ରିଆମାଳ ବନାଞ୍ଚଳରେ ଗତ ୧୫ ତାରିଖରେ ଗୋଟିଏ ମାଈ ହାତୀର ମୃତ୍ୟୁ ହୋଇଥିଲା। ହାତୀର ମୃତ୍ୟୁ କେମିତି ହେଲା ତାହାର ତଦନ୍ତ କରିଥିଲା ବନ ବିଭାଗ। ତଦନ୍ତ ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଥିଲା। କୁଣ୍ଡେଇଗୋଳା ଫରେଷ୍ଟ ସେକ୍ସନ୍ ଖିଲବେରେଣୀ ଗାଁରେ ଥିବା କମଳା ବଗିଚ଼ାକୁ ଯାଇଥିବା ଝୁଲନ୍ତା ଏଲ୍ ?ଟି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁ ଘଟିଥିବା ତଦନ୍ତ ବେଳେ ବନ ବିଭାଗ ଜାଣିବାକୁ ପାଇଥିଲା। ଏହା ପରେ ବନ ବିଭାଗ ଦୁଇ ଚ଼ାଷୀ ରୁଦ୍ର ନାରାୟଣ ପ୍ରଧାନ ଓ ଗୋଲେଖ ବିଶ୍ୱଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ସେମାନଙ୍କୁ ଗିରଫ କରି କୋର୍ଟ ଚ଼ାଲାଣ କରିଥିଲା। ବେଆଇନ୍ ଭାବେ କମଳା ବଗିଚ଼ାକୁ ବିଦ୍ୟୁତ ନେଇଥିବା ଅଭିଯୋଗରେ ଦୁଇ ଚ଼ାଷୀଙ୍କୁ ବନ ବିଭାଗ ଗିରଫ କରିଥିଲା।ଗିରଫ ହୋଇଥିବା ଦୁଇ ଚ଼ାଷୀ ପ୍ରତିମାସ ବିଦ୍ୟୁତ ବିଭାଗରେ ବିଲ୍ ପୈଠ କରୁଛନ୍ତି। ତେବେ ଏଠି ପ୍ରଶ୍ନ ଉଠୁଛି, ଯଦି ଚ଼ାଷୀମାନେ ପ୍ରତି ମାସ ବିଲ୍ ପୈଠ କରୁଥିଲେ, ତା'ହେଲେ ବେଆଇନ୍ ଭାବେ ବିଦ୍ୟୁତ ସଂଯୋଗ କେମିତି ହୋଇଥିଲା ଅନ୍ୟପକ୍ଷରେ କମଳା ବଗିଚ଼ାକୁ ଯାଇଥିବା ଏଲ୍‌ଟି ଲାଇନ୍‌ର ମଝିରେ ଗୋଟିଏ ବିଦ୍ୟୁତ ଖୁଣ୍ଟ ଦୀର୍ଘ ଦିନ ହେଲା ଭାଙ୍ଗି ଯାଇଥିଲା। ଏନେଇ ଚ଼ାଷୀମାନେ ବିଦ୍ୟୁତ ବିଭାଗରେ ଅଭିଯୋଗ କରିଥିଲେ। ହେଲେ ବିଦ୍ୟୁତ ବିଭାଗ ଖୁଣ୍ଟ ମରାମତି କରିନଥିଲା କି ନୂଆ ଖୁଣ୍ଟ ପୋତି ନଥିଲା। ଯେଉଁଥିପାଇଁ ବିଦ୍ୟୁତ ତାର ଝୁଲି ରହିଥିଲା। ବିଦ୍ୟୁତ ବିଭାଗର ଖାମଖିଆଲି ମନୋଭାବ ପାଇଁ ମାଈ ହାତୀର ଜୀବନ ଯାଇଥିଲା। ହେଲେ ବନ ବିଭାଗ, ବିଦ୍ୟୁତ ବିଭାଗ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତ ଦୁଇ ଚ଼ାଷୀଙ୍କୁ ଗିରଫ କରି ନିଜ ଦୋଷ ଲୁଚ଼ାଇବାକୁ ଚେଷ୍ଟା କରିଛି।ବିଦ୍ୟୁତ ବିଭାଗ ଦେଇଥିବା ରିପୋର୍ଟ ଆଧାରରେ ଦୁଇ ଜଣଙ୍କୁ ଗିରଫ କରାଯାଇଥିବା ବନଖଣ୍ଡ ଅଧିକାରୀ କହିଛନ୍ତି। ସେ ଆହୁରି କହିଛନ୍ତି, ରେଞ୍ଜର, ଫରେଷ୍ଟର, ଫରେଷ୍ଟଗାର୍ଡଙ୍କୁ କାରଣ ଦର୍ଶାଅ ନୋଟିସ୍ କରାଯାଇଛି।

ଅଚ୍ୟୁତ ସାମନ୍ତଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ ଡକ୍ଟୋରେଟ୍

ଅଚ୍ୟୁତଙ୍କ ୫୦ତମ ସମ୍ମାନସୂଚକ ଡକ୍ଟୋରେଟ୍ ଡିଗ୍ରୀ

ଭୁବନେଶ୍ୱର,୨୩।୧୨(ପି.ଏନ): ବିଶିଷ୍ଟ ଶିକ୍ଷାବିତ୍, ସମାଜସେବୀ, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡି.ଲିଟ୍ ଡିଗ୍ରୀ ପ୍ରଦାନ କରାଯାଇଛି। ଆଜି ଅନୁଷ୍ଠିତ ବିଶ୍ୱବିଦ୍ୟାଳୟର ୫୨ତମ ସମାବର୍ତ୍ତନ ଉତ୍ସବରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଭି. ଗୋପାଳ ଗୌଡ଼ା, ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ଓ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ ଉପସ୍ଥିତିରେ କୁଳାଧିପତି ତଥା ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନସୂଚକ ଡକ୍ଟୋରେଟ୍ ଡିଗ୍ରୀ ପ୍ରଦାନ କରିଥିଲେ। ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ଏହା ହେଉଛି ଶ୍ରୀ ସାମନ୍ତଙ୍କ ୫୦ତମ ସମ୍ମାନସୂଚକ ଡକ୍ଟୋରେଟ୍ ଡିଗ୍ରୀ। ଏହି ଅବସରରେ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଶ୍ରୀ ସାମନ୍ତଙ୍କୁ ସମାବର୍ତ୍ତନ ଉତ୍ସବର 'ଅଗ୍ରଣୀ କିମ୍ବଦନ୍ତୀ' ଭାବେ ଅଭିହିତ କରିବା ସହ ଅଚ୍ୟୁତ ସାମନ୍ତ ଜଣେ ଅତି ସାଧାରଣ, ନମ୍ର, କୃତଜ୍ଞ, ସାହସୀ, ଦୃଢ଼, ଉଦାର, ସମଭାବ ସମ୍ପନ୍ନ, ଶାନ୍ତିର ପ୍ରଚାରକ ବୋଲି କହିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟୋରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିବାରୁ ଶ୍ରୀ ସାମନ୍ତ ଆନନ୍ଦ ପ୍ରକାଶ କରିବା ସହ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଏବଂ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ ସଦସ୍ୟଙ୍କୁ ଧନ୍ୟବାଦ ସହ ଶ୍ରୀ ସାମନ୍ତ କୃତଜ୍ଞତା ଜଣାଇଛନ୍ତି। ଶ୍ରୀ ସାମନ୍ତ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଯେଉଁ ବିଶ୍ୱବିଦ୍ୟାଳୟର ମୁଁ ଦିନେ ଛାତ୍ର ଥିଲି ସେହି ବିଶ୍ୱବିଦ୍ୟାଳୟ ପକ୍ଷରୁ ମୋତେ ସମ୍ମାନସୂଚକ ଡକ୍ଟୋରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିବାରୁ ମୁଁ ନିଜକୁ ଧନ୍ୟ ମନେକରୁଛି। ଏହା କୌଣସି ବ୍ୟକ୍ତିର ଭାଗ୍ୟରେ ଥିଲେ ହିଁ ସମ୍ଭବ ହୋଇଥାଏ। ଏହି ସମ୍ମାନସୂଚକ ଡକ୍ଟୋରେଟକୁ ମୋ ମାଆଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରୁଛି ବୋଲି ଶ୍ରୀ ସାମନ୍ତ କହିବା ସହ ଏହା ମୋ ପାଇଁ ଗୌରବର ବିଷୟ ବୋଲି ପ୍ରକାଶ କରିଛନ୍ତି। ନିକଟରେ ଶ୍ରୀ ସାମନ୍ତଙ୍କୁ ବିର୍ଲା ଗ୍ଲୋବାଲ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟୋରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା ବେଳେ ପୂର୍ବରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ମାନସୂଚକ ଡକ୍ଟୋରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା।

ଦୁଇ ଜଣ କର୍ମଚାରୀଙ୍କୁ ନେଇ ଚାଲିଛି ରାଉରକେଲା ସିବିଆଇ ଅଫିସ : ଅଧିକାରୀ ନାହାନ୍ତି, ମାମଲା ଶୂନ

ରାଉରକେଲା, ୨୨।୧୨(ପି.ଏନ): ରାଉରକେଲା ସହରର ସେକ୍ଟର -୪ ରେ ଆଏସପିର ଏକ ଘରେ ଚାଲିଥିବା ସିବିଆଇ ଅଫିସକୁ କେବଳ ଜଗି ରହିଛନ୍ତି ୨ ଜଣ କର୍ମଚାରୀ, ଏଠାରେ ନିୟମିତ ଅଫିସର ନାହାନ୍ତି, ଫଳରେ ରାଉରକେଲା ସମେତ ପଶ୍ଚିମାଂଚଳରୁ ଆସୁଥିବା ଲୋକେ କୌଣସି ଅଭିଯୋଗ କରିବାକୁ ଚାହିଁଲେ ଭୁବନ

ଟି ଟାଇମ୍

ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

ଭାଇଜାନ୍‌ଙ୍କ ଚମକ

୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୁ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ

ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

ପୁରାଣ କାହାଣୀ

ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କଡ଼୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନୀୟନ୍ତା , ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।

ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ୱର୍ଗରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୁଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ

ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜେଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଲଭି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ



ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-

ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ

ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

ଆଜିର ଭାଗ୍ୟ

ମେଷ — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

ବୃଷ — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

ମିଥୁନ — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

କର୍କଟ — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

ସିଂହ — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

କନ୍ୟା — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହ

ଶିକ୍ଷିତ ବେକାର ସମସ୍ୟା ମୁଣ୍ଡବ୍ୟଥାର କାରଣ !



ବର୍ତ୍ତମାନ ରାଜ୍ୟ ର ଶିକ୍ଷିତ ବେକାରି ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି । ଓଡିଶା ପରି ଏକ ଅଗ୍ରସର ରାଜ୍ୟର ଶିକ୍ଷିତ ବେକାରଙ୍କ ସଂଖ୍ୟା ବଢିବଢି ବର୍ତ୍ତମାନ ୧୦ ଲକ୍ଷରେ ପହଞ୍ଚିବା ଅତ୍ୟନ୍ତ ଉଦ୍‌ବେଗର ବିଷୟ । ଏହି ସଂଖ୍ୟା ଦ୍ରୁତଗତିରେ ବଢିବାରେ ଲାଗିଛି । ପ୍ରତିବର୍ଷ ୧୫ ଲକ୍ଷରୁ ଉର୍ଦ୍ଧ ମାଟ୍ରିକ ଓ ୫ ଲକ୍ଷରୁ ଉର୍ଦ୍ଧ ଛାତ୍ର ଏବଂ ଛାତ୍ରୀ ମାଧ୍ୟମିକ ପରୀକ୍ଷା ଦେଇଥାନ୍ତି । ସେମାନଙ୍କ ମଧ୍ୟରୁ ଅନେକ ଉଚ୍ଚଶିକ୍ଷା ଲାଭ କରିଥାନ୍ତି । କିନ୍ତୁ ଯୁକ୍ତିନି ଓ ଏମ୍.ଏ., ଏମ୍.ଏସ.ସି ପାଶ କରୁଥିବା ହଜାର ହଜାର ଶିକ୍ଷିତଙ୍କ ପାଇଁ ସହର ବା ମଫସଲରେ କୌଣସି କାମ ନାହିଁ । ଯେଉଁମାନେ ବୈଷୟିକ ବିଦ୍ୟା ଅଧ୍ୟୟନ କରି ନିଜକୁ କୁଶଳ ଓ ସମର୍ଥ କରନ୍ତି ମାତ୍ର ବିଭିନ୍ନ ବୃତ୍ତି ପାଇଁ ସେମାନଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେବାପାଇଁ ଅକ୍ଷମତା ପ୍ରକାଶ କରୁଛନ୍ତି । ଫଳରେ ସେମାନେ ନିଜ ଭିଟାମାଟି ଛାଡି ଅନ୍ୟ ରାଜ୍ୟକୁ ପେଟ ପୋଷିବା ପାଇଁ ଯିବାକୁ ବାଧ୍ୟ ହେଉଛନ୍ତି । ରାଜ୍ୟ ସରକାରଙ୍କର ସଚିବାଳୟଠାରୁ ବ୍ଲକସ୍ତର ପର୍ଯ୍ୟନ୍ତ ବିଭିନ୍ନ ଅଫିସରେ ହଜାର ହଜାର ପଦବୀ ଖାଲି ପଡିଥିବାବେଳେ ଏତେସଂଖ୍ୟାରେ ଶିକ୍ଷିତ ବେକାର ରାଜ୍ୟ ପକ୍ଷରେ ଏକ ବିଡମ୍ବନାର ବିଷୟ । ଓଡିଶାରେ ବିଗତ ପାଂଚ ସାତବର୍ଷ ମଧ୍ୟରେ ଅନେକ ଶିଳ୍ପ କାରଖାନା ଯଦିଓ ସ୍ଥାପନ କରାଯାଇଛି ମାତ୍ର ସେସବୁ ଶିଳ୍ପସଂସ୍ଥାରେ ଯେତେ ଶିକ୍ଷିତ ଲୋକ ନିଯୁକ୍ତି ପାଇଛନ୍ତି ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ଆମ ରାଜ୍ୟ ବାହାରର । ତେବେ ସରକାରଙ୍କର ଆମ ନିଜ ରାଜ୍ୟ ପ୍ରତି ଏପ୍ରକାର ହୀନଭାବନା କାହିଁକି ? ବାହାର ରାଜ୍ୟମାନଙ୍କରୁ ବୈଷୟିକ ବିଦ୍ୟାରେ ଉତ୍ତୀର୍ଣ୍ଣ ହୋଇ ଆମ ରାଜ୍ୟରେ ନିଯୁକ୍ତି ପାଉଛନ୍ତି । ଅନ୍ୟପକ୍ଷରେ ଆମ ରାଜ୍ୟର ଶିକ୍ଷାନୁଷ୍ଠାନମାନଙ୍କରୁ ହଜାର ହଜାର ପ୍ରଶିକ୍ଷଣପ୍ରାପ୍ତ ଯୁବକ ଯୁବତୀ ରାଜ୍ୟ ବାହାରେ ଓ ବିଦେଶରେ ନିଯୁକ୍ତି ପାଇଛନ୍ତି ଯାହା ରାଜ୍ୟପାଇଁ ଗୌରବର ବିଷୟ ସାଂଗକୁ ସରକାରଙ୍କର ଅକ୍ଷମତାର ଜ୍ୱଳନ୍ତ ନମୁନା । ଏହାସତ୍ତ୍ୱେ ରାଜ୍ୟରେ ୧୦ ଲକ୍ଷରୁ ଉର୍ଦ୍ଧ ଯୁବକଯୁବତୀ ଶିକ୍ଷିତ ହୋଇ ଘରେ ବସିରହିବା ଚିନ୍ତାର ବିଷୟ । ଯଦି ଅନ୍ୟ ରାଜ୍ୟ କଥା ବିଚାରକୁ ନିଆଯାଏ ତେବେ ଉତ୍ତରପୂର୍ବାଂଚଳରେ ଶିକ୍ଷିତ ବେକାରଙ୍କ ସଂଖ୍ୟା ଏତେ ଅଧିକ ହୋଇଛି ଯେ ନିଜ ରାଜ୍ୟରେ ସେମାନଙ୍କ ପାଇଁ ନିଯୁକ୍ତି ନାହିଁ ମାତ୍ର ଭାରତର ବିଭିନ୍ନ ରାଜ୍ୟରେ ସେମାନଙ୍କୁ ନିଯୁକ୍ତି ମିଳିଛି । ଅତିତରେ ଆସାମର ସାମ୍ପ୍ରଦାୟିକ ଦଙ୍ଗା ଯୋଗୁଁ ଦକ୍ଷିଣ ଭାରତରେ ଉତ୍ତର ପୂର୍ବାଞ୍ଚଳର ବୃତ୍ତିଧାରୀ, କର୍ଣ୍ଣାଟକ ଓ ତାମିଲନାଡୁରୁ ନିଜ ଭିଟାମାଟିକୁ ଫେରିଆସିଥିଲେ । ମାତ୍ର ଉଭୟେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଢ ହସ୍ତକ୍ଷେପ ଯୋଗୁ ଅବସ୍ଥା ସ୍ୱାଭାବିକ ହେବାପରେ ପୁନଃ ସେମାନେ ନିଜର କର୍ମସ୍ଥାନକୁ ଫେରିଥିଲେ । ସେହିପରି ମହାରାଷ୍ଟ୍ର ଭଳି ଶିଳ୍ପୋନ୍ନତ ରାଜ୍ୟରେ ହଜାର ହଜାର ବିହାରୀ ଶ୍ରମିକ କାମ କରିବାର ସୁଯୋଗ ପାଇ ରହିଯାଇଛନ୍ତି । ଫଳରେ 'ମରାଠୀମାନୁଷ'ବା ଭୂମିପୁତ୍ରମାନଙ୍କ ନିଯୁକ୍ତିକ୍ଷେତ୍ର ସଙ୍କୁଚିତ ହେଉଛି ବୋଲି କେତେକ ମରାଠୀ ସଂଗଠନ ପ୍ରତିବାଦ କରିଥିଲେ । ଶିବସେନା ଓ ମହାରାଷ୍ଟ୍ର ନବନିର୍ମାଣ ସେନା ପରି ସଂଗଠନ ମହାରାଷ୍ଟ୍ର କେବଳ ମରାଠୀମାନଙ୍କ ପାଇଁ ଆନ୍ଦୋଳନ କରିବା ଯୋଗୁ ବିହାରୀମାନଙ୍କ ବିରୋଧରେ ସଂକୀର୍ଣ୍ଣ ମାନସିକତା ସୃଷ୍ଟି ହୋଇଥିଲା । ଉକ୍ତ କାରଣରୁ ହଜାର ହଜାର ବିହାରୀ ନିଜ ରାଜ୍ୟକୁ ଫେରି ଯାଇଥିଲେ । ବେକାରୀ ସମାସ୍ୟା ଯେତିକି ବଢିବ ସେତିକି ଆଞ୍ଚଳିକ ଭାବନା ତା'ର କାୟାବିସ୍ତାର କରିବ । ଆମ ରାଜ୍ୟ ଓଡିଶାର ସୌଭାଗ୍ୟ ଯେ ଆମ ରାଜ୍ୟ ଓଡିଶାର ବୈଷୟିକ ବୃତ୍ତିଧାରୀଙ୍କ ସଂଖ୍ୟା ବଢୁଥିଲେ ମଧ୍ୟ ବାହାର ରାଜ୍ୟରେ ନିଯୁକ୍ତି ପାଇ ଶାନ୍ତିରେ କର୍ତ୍ତବ୍ୟ ପାଳନ କରୁଛନ୍ତି । ମହାରାଷ୍ଟ୍ରରେ ଯେପରି ଆଞ୍ଚଳିକ ସ୍ୱାର୍ଥରକ୍ଷା ସକାଶେ ଆନ୍ଦୋଳନ ଚାଲିଛି ଓଡିଶାରେ ଓ ବଙ୍ଗଳାରେ ଯେ ସେପରି ଆନ୍ଦୋଳନ ଭବିଷ୍ୟତରେ ନହେବ ତାହା କହିହେବ ନାହିଁ । ଓଡିଶାରେ ବିଗତ ବର୍ଷମାନଙ୍କରେ ଯେତେ ଯେତେ ଶିଳ୍ପ ସ୍ଥାପିତ ହୋଇଛି ସେଥିରେ ଆମ ନିଜ ରାଜ୍ୟର ଶିକ୍ଷିତ ବେକାରମାନଙ୍କୁ ନିଯୁକ୍ତି ମିଳିବା ପରିବର୍ତ୍ତେ ବାହାର ରାଜ୍ୟରୁ ନିଯୁକ୍ତି ମିଳୁଥିବା ଯୋଗୁ ଦିନେ ଏଠାରେ ମଧ୍ୟ ଅସନ୍ତୋଷର ବହ୍ନି ଜଳିଉଠିବ, ଏଥିରେ ସନ୍ଦେହ ନାହିଁ । ଏହି ପରିପ୍ରେକ୍ଷୀରେ ଓଡିଶାରେ ବ୍ୟକ୍ତିଗତ ଉଦ୍ୟମରେ ସ୍ଥାପନ କରାଯାଇଥିବା ଇଂଜିନିୟରିଂ ଓ ମ୍ୟାନେଜମେଣ୍ଟ କଲେଜମାନଙ୍କରେ ନାମ ଲେଖାଇବା ପାଇଁ ଉପଯୁକ୍ତ ଛାତ୍ର ମିଳୁ ନ ଥିବାରୁ ୩୦ ହଜାରରୁ ଉର୍ଦ୍ଧ ସ୍ଥାନ ଖାଲି ପଡିଛି ଯାହାକି ଆମ ଶିକ୍ଷା ପଦ୍ଧତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବିଗତ ୩/୪ ବର୍ଷ ଧରି ଏପରି ଅବସ୍ଥା ଲାଗିରହିଛି । ଯୁକ୍ତ ଦୁଇ ଓ ତିନି ଶିକ୍ଷାନୁଷ୍ଠାନମାନଙ୍କରେ ମଧ୍ୟ ସିଟ୍ ଖାଲି ପଡୁଛି । ରାଜ୍ୟମାନଙ୍କରେ ଏପରି ଦୟନୀୟ ଶିକ୍ଷାବ୍ୟବସ୍ଥା ଲାଗିରହିଥିବାବେଳେ କେନ୍ଦ୍ର ଓ ରାଜ୍ୟ ସରକାର ନୂତନ ଇଂଜିନିୟରିଂ କଲେଜ ଖୋଲିବା ପାଇଁ ମଂଜୁର ପ୍ରଦାନ କରୁଛନ୍ତି ଯାହା ନିହାତି ବିଚାରଯୋଗ୍ୟ । ଏପରି ସମୟରେ ବାହାର ଦେଶର ବୈଷୟିକ ଜ୍ଞାନପ୍ରାପ୍ତ ଯୁବକଯୁବତୀମାନଙ୍କୁ ଆଉ ବ୍ରିଟେନ, ଆମେରିକା ତଥା କେତେକ ୟୁରୋପୀୟ ଦେଶରେ ନନେବା ପାଇଁ ପଦକ୍ଷେପ ନେବା ଚିନ୍ତାର ବିଷୟ । ଏଭଳି ସମୟରେ ଆମ ରାଜ୍ୟରେ ଥିବା ଇଂଜିନିୟରିଂ କଲେଜରେ ପଲିଟେକନିକ୍ ଶିକ୍ଷାବ୍ୟବସ୍ଥା ସହିତ ଶିକ୍ଷିତ ବେକାରମାନଙ୍କୁ ବୃତ୍ତିଗତ ଶିକ୍ଷାଦେଇ ସେମାନଙ୍କୁ ନିଜ ରାଜ୍ୟରେ ନିଯୁକ୍ତି ଦେବା ବୁଦ୍ଧିମାନର କାର୍ଯ୍ୟ ହେବ । ବାହାର ରାଜ୍ୟରୁ ଆସି ଓଡିଶାରେ ଶିଳ୍ପସ୍ଥାପନ କରିଥିବା ବ୍ୟବସାୟୀ ଓ ଶିଳ୍ପସଂସ୍ଥାମାନେ ଓଡିଶା ବାହାରୁ ଲୋକ ଆଣି ଆମ ରାଜ୍ୟରେ ନିଯୁକ୍ତି ଦେଉଥିବାରୁ ଆମ ରାଜ୍ୟର ନିଯୁକ୍ତି ସମସ୍ୟା ସମାଧାନର ବାଟ ଫିଟିପାରୁନାହିଁ । କେବଳ ଯେଉଁ କ୍ଷେତ୍ରରେ ଓଡିଶାରେ ଉଚ୍ଚ ବୃତ୍ତିଗତଧାରୀଙ୍କ ଅଭାବ ରହିଛି କେବଳ ସେହି କ୍ଷେତ୍ରରେ ବାହାର ରାଜ୍ୟରୁ ଉପଯୁକ୍ତ ପ୍ରାର୍ଥୀ ଗ୍ରହଣ କରାଯାଇପାରେ ।

ଉମାଶଙ୍କର ପ୍ରସାଦ, ସମ୍ପାଦକ ମାର୍ଗଦର୍ଶୀ, ଖୋର୍ଦ୍ଧା, ମୋ: ୬୩୭୦୬ ୭୫୫୬୨

ଜିଲ୍ଲାସ୍ତରୀୟ କେନ୍ଦରା ମହୋତ୍ସବ-୨୦୨୨

କେନ୍ଦ୍ରାପଡ଼ା (ପିଏନ୍): ବୁଡିଯାଉଥିବା ଲୋକକଳାର ପୁନରୁଦ୍ଧାର ନହେଲେ କଳା ସଂସ୍କୃତି ପ୍ରଭାବିତ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ । ନାଥ ସମ୍ପ୍ରଦାୟ ଲୋକମାନେ କେନ୍ଦରା ବଜାଇ ଗାଁ ଗାଁ ଟିକା ଗୋବିନ୍ଦଚନ୍ଦ୍ର ଗାଇ ଲୋକକଥା ତଥା ସଂସ୍କୃତି ଓ ପରମ୍ପରାକୁ ଲୋକମାନଙ୍କ ମଧ୍ୟରେ ପ୍ରଚାର ପ୍ରସାର କରୁଥିବା କଥା ଅବଧୂତ ଆଡୋହି ମଠର ବାବା ବିଶ୍ୱନନ୍ଦ ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମତବ୍ୟକ୍ତ କରିଥିଲେ । ସାଇନାଥ କଳା ପରିଷଦ, ଜିଲ୍ଲାର ଏକମାତ୍ର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭାବରେ ଏ କଥାକୁ ଚିନ୍ତାକରି କେନ୍ଦ୍ର ସଂଗୀତ ନାଟକ ଏକାଡେମୀ ଓ ରାଜ୍ୟ ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସହଯୋଗରେ ଜିଲ୍ଲାସ୍ତରୀୟ କେନ୍ଦରା ମହୋତ୍ସବ-୨୦୨୨ ପାଳିତ ହୋଇଯାଇଛି । ଏହି ମହୋତ୍ସବରେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ନାଟ୍ୟକାର ତୁଷାରକାନ୍ତ ଘୋଷ, ଜିଲ୍ଲା ସାମାଜିକ ଓ ସାଂସ୍କୃତିକ ପ୍ରରୋଚିକା ଜୟଶ୍ରୀ ପତି, ମହାକାଳପଡା ବ୍ଲକ ଉପାଧ୍ୟକ୍ଷ ବିଜୟ ଶୁକ୍ଲା ପ୍ରମୁଖ ଯୋଗ ଦେଇଥିଲେ । କେନ୍ଦରା ବିକାଶ ପରିଷଦର ଜିଲ୍ଲା ଆବାହକ ସୁରେନ୍ଦ୍ର ନାଥ ଶତପଥି ଓ ସଭାପତି ତ୍ରିଲୋଚନ ନାଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସାଇନାଥ କଳା ପରିଷଦର ସଂପାଦକ ଓ ଭାଗବତ ଟୁଙ୍ଗି ପ୍ରଚାର ସମିତି ରାଜ୍ୟ ଉପସଭାପତି ସୁବ୍ରତ କୁମାର ରାଉତ ଯଥାକ୍ରମେ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ । ୧୫ ଜଣ କେନ୍ଦରା ବାଦକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ଜିଲ୍ଲାର କିଛି ସାଂସ୍କୃତିକ ଅନୁଷ୍ଠାନ ଓ କଳକାରମାନଙ୍କୁ ସଙ୍ଗୀତ, ବାଦ୍ୟଯନ୍ତ୍ର, ଭାଗବତ ଟୁଙ୍ଗି, ପାଲାଗାୟକମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ଉପସଭାପତି ଅର୍ଚ୍ଚନା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ମଧୁବାବୁଙ୍କ ପ୍ରତିମୂର୍ତ୍ତି ସଂସଦରେ ସ୍ଥାପନ ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ଭୁବନେଶ୍ୱର (ପିଏନ୍): ସହିଦ ଲକ୍ଷ୍ମଣ ନାୟକଙ୍କ ଜୟୀ ଅବସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ସଂସଦ ଭବନରେ ସ୍ଥାପନା ସହିତ ଉତ୍କଳଗୌରବଙ୍କୁ ଭାରତରତ୍ନ ପ୍ରଦାନ ପାଇଁ ଉତ୍କଳ ସମ୍ମିଳନୀ ପକ୍ଷରୁ ଏକ ଦାବିପତ୍ର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରଦାନ କରାଯାଇଛି । ସମ୍ମିଳନୀର ମଞ୍ଚେଶ୍ୱର ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଶ୍ରୀଯୁକ୍ତ ପ୍ରଧାନଙ୍କୁ ପ୍ରଥମେ ଉତ୍କଳ ସମ୍ମିଳନୀର ପ୍ରତୀକ ପ୍ରଦାନ କରି ସମ୍ମାନିତ କରିବା ପରେ ଦାବିପତ୍ର ପ୍ରଦାନ କରିଥିଲେ । ଉତ୍କଳ ସମ୍ମିଳନୀର ଉପ-ସଭାପତି ଡ. ସୁରେନ୍ଦ୍ରମୋହନ ମିଶ୍ର, ଶାଖା ଉପ-ସଭାପତି ପ୍ରତାପ ସ୍ୱାଇଁ ଓ ଶିତଳ ଚନ୍ଦ୍ର ମହାନ୍ତି, ସମ୍ପାଦକ ଅଧିବକ୍ତା ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଭୃଗୁ ବକ୍ସିପାତ୍ର, ମହେଶ୍ୱର ବିଶ୍ୱାଳ, ସୁବ୍ରତ ମହାପାତ୍ର, ପ୍ରତାପ କୁମାର ନନ୍ଦ, ବାସନ୍ତୀ ତ୍ରିପାଠୀ, ଅକ୍ଷୟ ଜେଠୀ, ସମରଂଜନ ମହାନ୍ତି, ଦିପ୍ତିମୟୀ ନାୟକ ଓ ରାମଚନ୍ଦ୍ର ସାମଲ ଆଦି ବହୁ ସଦସ୍ୟଙ୍କ ଉପସ୍ଥିତିରେ ଦାବିପତ୍ର ପ୍ରଦାନ କରାଯାଇଥିଲା । ସୂଚନାଯୋଗ୍ୟ ଯେ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ସାହାଙ୍କ ଗତ ଥର ଓଡିଶା ଗସ୍ତ ସମୟରେ ଏହି ଦାବିପତ୍ର ତାଙ୍କୁ ମଧ୍ୟ ପ୍ରଦାନ କରାଯାଇଥିଲା ।

—ଶାନ୍ତିର ମାର୍ଗ—

ଆଜି ସମସ୍ତେ ଖୋଜି ବୋଲୁଛନ୍ତି ଜୀବନ, ଅଶାନ୍ତ କର୍ମମୟ ଜୀବନ, ପୃଥିବୀରେ ଶାନ୍ତି ପାଇଁ ସମସ୍ତେ ଗୋଟିଏ ଛୋଟିଆ ଆଲୋଚନା ଅହଂକାର ଓ ଅଜ୍ଞାନଭାବ ସମ୍ପନ୍ନ, ଶେଷରେ ସେମାନେ କ୍ଷତିଗ୍ରସ୍ତ ହୁଅନ୍ତି । ହେଉଛି ଶାନ୍ତି । ଶାନ୍ତି ବିନା ଜୀବନର ହେଉ ବା ଅନ୍ୟ କୌଣସି ମାର୍ଗରେ ପଡ଼ିବ । କୋଇଲିର ମଧୁର ଗାନ ଦେଖି ବତକ ଖୁସି ହୋଇନପାରେ । ଭାସିଯିବା ଶେଷରେ ନିଜର ନିଜତ୍ୱ ଥିଲେ । ସେ ଜଣେ ଶକ୍ତିଶାଳୀ ସାକାର ପ୍ରତିମୂର୍ତ୍ତି ଥିଲେ । ତାଙ୍କ ଧର୍ମରାଜ ରାଜାମାନଙ୍କ ରାଜା ବ୍ୟକ୍ତି ଥିଲେ ଓ ସମସ୍ତ ସଦ୍‌ଗୁଣର ଚାରିଭାଇମାନେ ପ୍ରତ୍ୟେକେ ବଳଶାଳୀ ଓ ପରାକ୍ରମୀ ଥିଲେ । ଭଗବାନ ଶ୍ରୀକୃଷ୍ଣଙ୍କୁ ନିଜର ପ୍ରଭୁ ଜ୍ଞାନ କରି ଧର୍ମରାଜ ସାଧନା କରୁଥିଲେ । ପାଣ୍ଡବମାନଙ୍କ ଏତେ ସବୁ ଥାଇ ମଧ୍ୟ କ'ଣ ହେଲା ? ଅଧିକରୁ ଅଧିକ ଦୁଃଖ ଯାତନା ଭୋଗିଲେ ସେମାନେ । କୌରବମାନେ ତାଙ୍କ ସ୍ତ୍ରୀଙ୍କୁ ଅବମାନନା କଲେ, ତାଙ୍କୁ ଅରଣ୍ୟକୁ ପଠାଇ ଦେଲେ । ଏ ସବୁ ସତ୍ତ୍ୱେ ଧର୍ମରାଜଙ୍କର ଶାନ୍ତଭାବ ଯୋଗୁଁ ସେମାନେ ସବୁ କିଛି ଫେରି ପାଇଲେ । ସେ ଘୋଷଣା କରି କହିଲେ, 'ଶାନ୍ତି ଆମର ଧର୍ମ, ଶାନ୍ତି ଦ୍ୱାରା ଆମେ ସବୁକିଛି ପାଇ ପାରିବା । ଦୁରାବସ୍ଥାରେ ପଡ଼ି, ଘୃଣା ଓ ଉତ୍ତେଜନା ଦ୍ୱାରା ଆମେ ଶାନ୍ତିରକ୍ଷା କରି ପାରିବା ନାହିଁ । ବରଂ ତଦ୍ୱାରା ଆମେ ସମାଜର କ୍ଷତି କରିବା ।' ବାସ୍ତବିକ ଆଜିର ଦୁନିଆ ଏଇ ଶାନ୍ତି ଭାବ ଟିକକ ହରାଇ ବସିଛି । ସେଥିଲାଗି ସର୍ବତ୍ର ଗଣ୍ଡଗୋଳ । ଦୁର୍ଭିକ୍ଷ ଭୟ, ଯୁଦ୍ଧ ଭୟ, ଜାତି, ଧର୍ମ ଓ ବର୍ଣ୍ଣଗତ ସମସ୍ୟା ସର୍ବତ୍ର ପ୍ରବଳ । କ୍ଷମତା ଲୋଭ, ସ୍ୱାର୍ଥପର ଚିନ୍ତା ଓ ଆନ୍ଦୋଳନାତ୍ମକ ମାର୍ଗରେ ଛାତ୍ରମାନେ ପ୍ରବାହିତ । ଏ ସବୁର କାରଣ କ'ଣ ? ଏହାର କାରଣ ଆମେ ଆମ ନିଜର ସ୍ୱଭାବ ଶାନ୍ତିକୁ ଉପଲବ୍ଧି କରିବାକୁ ଅସମର୍ଥ ।

ତେବେ ସେ ଶାନ୍ତିଟି କ'ଣ ? ସେ ଗୋଟିଏ ନିର୍ମଳ ପ୍ରେମ ସମ୍ଭୁତ ଗୋଟିଏ ସୁରଭିତ କଳିକା । ସତକର୍ମ ଫଳ ପ୍ରସୂତ ଏକ ସୌରଭ । ପୂର୍ବ ପୂଣ୍ୟ ଲବ୍ଧ । ଏହି ଅମୂଲ୍ୟ ଶାନ୍ତ ଭାବ ହରାଇଲେ ଆମେ ସବୁକିଛି ହରାଇବା । ପୁରାକାଳରୁ ମୁନିଋଷିମାନେ ଶାନ୍ତିର ମହତ୍ୱ ଘୋଷଣା କରି ଆସୁଛନ୍ତି । ଯେତେ ଉପହସିତ ହେଲେ ସୁଦ୍ଧା, ଅନେକ ଯୋଜନା ଭୋଗିଲେ ମଧ୍ୟ ସେମାନେ ତାଙ୍କର ଶାନ୍ତି ଅବ୍ୟାହତ ରଖି ଆସିଛନ୍ତି । ଏହି ପ୍ରାଥମିକ ବସ୍ତୁଟି ମଣିଷ ରକ୍ଷା କରିବା ଦରକାର । ବ୍ୟସ୍ତ ବିବ୍ରତ ହୋଇ ପଡ଼ିଲେ ଆମେ ନିଜର ପରିଚୟ ମଧ୍ୟ ହରାଇ ବସିବା । ମଣିଷ ହିସାବରେ ମଣିଷ ସମାଜରେ ମଣିଷର ଦାୟାଦ ହୋଇ ଜନ୍ମ ଲାଭ କରି ଯଦି ଆମେ ଯଦି ମଣିଷର ଗୁଣ ପ୍ରଦର୍ଶନ ନକରିବା ତେବେ ସେ ମାନବ ଜନ୍ମର ମୂଲ୍ୟ କ'ଣ ? ଶାନ୍ତି ଜୀବନକୁ ସୁରଭିତ କରେ । ଗୋଟିଏ କୁରାଢ଼ି ନେଇ ଚନ୍ଦନ ଗଛକୁ ହାଣିଲେ ଗଛ ସେଥିରେ ପ୍ରତିବାଦ କରେନାହିଁ ବରଂ କୁରାଢ଼ିକୁ ତାର ସୁଗନ୍ଧ ଦେଇଥାଏ । ଧୂପ କାଠିରେ ଅଗ୍ନି ସଂଯୋଗ କଲେ ସେ ବିନା ବାଧାରେ ସୁଗନ୍ଧ ଖେଳାଇ ଦିଏ । ସେହି ଅନୁସାରେ ପ୍ରକୃତ ଭକ୍ତ ଓ ସାଧକ କୌଣସି ପରିସ୍ଥିତିରେ ନିଜର ଶାନ୍ତି କ୍ଷୁର୍ଣ୍ଣ ହେବାକୁ ଦେବା ଉଚିତ ନୁହେଁ, ବରଂ ଚାରିଆଡ଼େ ଆନନ୍ଦ ଖେଳାଇ ଦେବା ଉଚିତ । ଏହି ମୌଳିକ ସାଧନା ମାଧ୍ୟମରେ ଶାନ୍ତି ଲାଭ ହୋଇଥାଏ । ବାହ୍ୟଜଗତରୁ ଶାନ୍ତି ଆଦୌ ମିଳିପାରିବ ନାହିଁ । ନିକଟ ସମ୍ପର୍କୀୟଙ୍କ ପାଖରୁ ମଧ୍ୟ ନୁହେଁ, କୋଠାବାଡ଼ି ସୁନାମ ଓ ଖ୍ୟାତି କେହି ଶାନ୍ତି ଦେଇପାରିବେ ନାହିଁ । ନିଜ ଅନ୍ତରରୁ ଏହା ଉଲ୍ଲସି ଉଠେ, ବାହାରୁ କୌଣସିଠାରୁ ଏହା ଉପାର୍ଜନ କରାଯାଇପାରେ ନାହିଁ ।

ଦେବଦତ୍ତ ବିଶ୍ୱାଳ, ରାମନିଗମେଶ୍ୱର ମନ୍ଦିର, ଚହଟା, କଟକ, ଦୂରଭାଷ: ୯୮୬୧୯୪୪୫୯୪, E-mail : deba1976biswal@gmail.com

ଭବାନୀପୁର ବସ୍ତିର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଦାବି

ରାଉରକେଲା (ପିଏନ୍): ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ଉତ୍ତମ ବସ୍ତି-ଭବାନୀପୁର ବସ୍ତି ଅଞ୍ଚଳରେ ବିଭିନ୍ନ ମୌଳିକ ସମସ୍ୟା ଲାଗି ରହିଛି । ରାଉରକେଲା କଂଗ୍ରେସର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି ଉକ୍ତ ବସ୍ତି ଅଞ୍ଚଳ ପରିକ୍ରମା କରି ସମସ୍ୟାଗୁଡିକୁ ଦେଖିବା ସହିତ ବସ୍ତି ବାସିନ୍ଦାଙ୍କ ସହିତ ସେସବୁ ସମ୍ପର୍କରେ ସିଧାସଳଖ ଆଲୋଚନା କରିଥିଲେ । ଆଲୋଚନା ସମୟରେ ବସ୍ତି ବାସିନ୍ଦାମାନେ ରାସନ କାର୍ଡ ଥାଇ ମଧ୍ୟ ଠିକ୍ ଭାବରେ ଖାଉଟି ସାମଗ୍ରୀ ପାଉନଥିବା ସହିତ ଠକେଇର ଶୀକାର ହେଉଛନ୍ତି ବୋଲି ଅଭିଯୋଗ କରିଥିଲେ । କେତେକଙ୍କର ରାସନ କାର୍ଡରୁ ବିଭିନ୍ନ ସମୟରେ ଆପଣାଛାଏଁ ସଦସ୍ୟଙ୍କ ନାଁ କଟିଯାଉଛି ବୋଲି ପ୍ରକାଶ କରି ବାରମ୍ବାର ଯୋଗାଣ ଅଫିସ ଗଲେ ମଧ୍ୟ ସେମାନଙ୍କ ନାଁ ଯୋଡାଯାଉ ନାହିଁ ବୋଲି କହିଥିଲେ । ସେହିପରି କେତେକ ବୃଦ୍ଧବୃଦ୍ଧା ଓ ବିଧବା ଦୀର୍ଘଦିନ ହେଲା ଭତ୍ତା ପାଇଁ ଆବେଦନ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସେମାନଙ୍କୁ ଭତ୍ତା ମିଳୁନାହିଁ କହି ଦୁଃଖ ପ୍ରକାଶ କରିଥିଲେ । ବସ୍ତି ଅଞ୍ଚଳ ପରିକ୍ରମା କାଳରେ ବସ୍ତି ମଧ୍ୟରେ ନାଳି ନଥିବା ଏବଂ ଯେଉଁକିଛି ନାଳି ରହିଛି ସେସବୁ ଠିକ୍ ଭାବରେ ସଫା ହେଉନଥିବା ଦେଖିବାକୁ ପାଇଥିଲେ । ବସ୍ତିବାସୀମାନେ ଘର ସମ୍ମୁଖରେ ସିମେଣ୍ଟ କୁଣ୍ଡ କରି ନିଜ ଘରର ବ୍ୟବହୃତ ମଇଳା ଜଳକୁ ଜମା କରିବା ଏବଂ କୁଣ୍ଡ ପୁରିଗଲେ ସେହି ଜଳକୁ ନେଇ ବସ୍ତି ବାହାରେ ଫିଙ୍ଗିବାର ଅଭାବନୀୟ ଦୃଶ୍ୟ ଏହି ଅବସରରେ ଦେଖିବାକୁ ପାଇଥିଲେ । ବସ୍ତିରେ ଥିବା ଗୋଷ୍ଠୀ ଶୌଚାଳୟ ଭିତରେ ଆଲୁଅ ଜଳୁନଥିବା ବେଳେ ଶୌଚାଳୟର କବାଟଗୁଡିକ ଭାଙ୍ଗି ଯାଇଥିବା ପରିଲକ୍ଷିତ

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪



ଭୁବନେଶ୍ୱର, ୨୦୨୨, ଡିସେମ୍ବର ୨୪

ସର୍ଜନଶୀଳ ମଣିଷମାନେ ଜଗତର ଜାଗ୍ରତ ପ୍ରହରୀ



ହିନ୍ଦୁଶାସ୍ତ୍ର ଅନୁସାରେ-ନିରାକାର ପୁରୁଷ ଯୋଗନିଦ୍ରାରେ ଅଭିଭୂତ ଥିବା ସମୟରେ ହଠାତ୍ ତାଙ୍କର ସୃଜନ ଚେତନା ଜାଗ୍ରତ ହେଲା ଓ ତାଙ୍କ ନାଭିକମଳରୁ ପଦ୍ମଟିଏ ଜାତ ହେଲା, ଯେଉଁଥିରେ ବ୍ରହ୍ମାଙ୍କର ଆବିର୍ଭାବ ହେଲା। ସେହି ନିରାଧାର ପୁରୁଷଙ୍କ ଇଙ୍ଗିତରେ ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି ହେଲା ଏବଂ ବ୍ରହ୍ମା ଜୀବଜଗତ ସର୍ଜିଲେ। ଏହି ଜୀବଜଗତ ଓ ମନୁଷ୍ୟାଦିକୁ ପାଳନ ପାଇଁ ବିଷ୍ଣୁ ଏବଂ ଜଗତର ଅନାଚାର ତଥା ଦୁଷ୍ଟଶକ୍ତିର ସଂହାର ପାଇଁ ଶିବଙ୍କର ଆବିର୍ଭାବ ଘଟିଲା। ଏହି ତିନି ଦେବତାଙ୍କ ପରିକଳ୍ପନାରେ ସର୍ଜନ ସଙ୍କେତକୁ ଖୋଜାଯାଇପାରେ। ଆମ ଭାରତୀୟ ପରମ୍ପରାରେ ଲେଖକ ଓ କବି ହେଉଛନ୍ତି କ୍ରାନ୍ତଦ୍ରଷ୍ଟା ପୁରୁଷ। ଋଗ୍‌ବେଦ କହେ କବିଟିଏ ହେଉଛି ଭୂୟୋଦ୍ରଷ୍ଟା ଋଷି। ସେ ସୃଜନସତ୍ତାରେ ଆଲୋକିତ ପୁରୁଷ। ସେ ଭୂମି ଓ ଭୂମାରେ ମୁଗ୍ଧ ସମର୍ପିତ ଆତ୍ମା। 'କବୃ' ଧାତୁରୁ ତ ପ୍ରତ୍ୟୟରୁ କବି ଶବ୍ଦ ନିଷ୍ପନ୍ନ। ଯେ ସୃଜନ ମନ୍ତ୍ରରେ ବିଭୋର ତଥା ବର୍ଣ୍ଣନାକାରୀ ସେ ତ କବି। 'ଅଗ୍ନିପୁରାଣ' କହେ-"ଅପାର କାବ୍ୟସଂସାରେ କବିରେବ ପ୍ରଜାପତି।" ତେଣୁ କବି ଓ ଲେଖକମାନଙ୍କୁ କାଳେ କାଳେ ସ୍ରଷ୍ଟାର ଆସନରେ ଆସୀନ କରାଯାଇଛି। ଏଣୁ ପ୍ରତ୍ୟେକ ଲେଖକ ସୃଜନଶୀଳତାର ମନ୍ତ୍ରରେ ମନ୍ତ୍ରିତ ବ୍ୟକ୍ତିସତ୍ତା ଏହି ସୃଜନଶୀଳତାରେ ଲେଖକର ମା ରୂପଟି ପ୍ରତିବିମ୍ବିତ ହେବା ସହ ସେ ଜଗତର ଜାଗ୍ରତ ପ୍ରହରୀ ଭାବେ ଉଦ୍‌ଭାସିତ ହୋଇଥାଏ। ପ୍ରତି ମଣିଷଠାରେ ସୃଜନଶୀଳତାର ନିତ୍ୟନିୟତ ଲୀଳା ଫୁଟିଉଠେ। ତେଣୁ ମଣିଷ ମାତ୍ରେ ସୃଜନଶୀଳ। ଯିଏ ସୃଜନଶୀଳ ତା'ର ଦାୟିତ୍ୱବୋଧ ରହିବା ସହ ସେ ସମାଜର ଜାଗ୍ରତ ପ୍ରହରୀ ଭାବେ ନିଜର କାର୍ଯ୍ୟଧାରାକୁ ସୁଚାରୁ ଭାବରେ କରି ଚାଲିଥାଏ।

ସୃଷ୍ଟି, ସ୍ଥିତି ଏବଂ ବିନାଶ ହିଁ ସର୍ଜନଶୀଳତାର ନିୟତି। ଲେଖକ ବା କବିଟିର ମନୋରାଜ୍ୟରେ ସତତ ସର୍ଜନ, ପରିପାଳନ ଏବଂ ବିଲୟୀଭାବର ଚକ୍ର ଲାଗିରହିଥାଏ। ମନୋବିଜ୍ଞାନୀ ସିଗମଣ୍ଡ ଫ୍ରଏଡ ବି ମନୁଷ୍ୟର ମନୋରାଜ୍ୟରେ ତିନୋଟି ସ୍ତରର ପରିକଳ୍ପନା କରିଛନ୍ତି। ସେଗୁଡିକ ହେଲା ସଚେତନ (conscious), ପ୍ରାକ୍‌ଚେତନ (preconscious) ଏବଂ ଅବଚେତନ (unconscious) ସ୍ତର। ମଣିଷ ଚେତନାର ତଳାତଳ ଇଲାକାରେ ବିଭିନ୍ନ ଅନୁଭୂତି ସ୍ମୃତି ରୂପେ ସଂଚିତ ହୋଇ ରହିଥାଏ। ତାହା ସଂଚୟନ, ସଂରକ୍ଷଣ, ବିସ୍ମରଣ ଓ ପୁନଃ ଆବାହନ ପର୍ଯ୍ୟାୟରେ ବିଘଟିତ ହୋଇ ସୃଜନର ରୂପ ନେଇଥାଏ। ସେହି ସୃଜନଶୀଳତା କଳି ରୂପ ଧରି କବିକଳ୍ପ ବାମନମାନଙ୍କୁ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତୁଲ୍ୟ ତିନିପାଦ ଭୂମି ଯାଚିଦିଏ। ଫଳରେ ସୃଜନ ପାତ୍ର ଭରିଯାଏ। ସୃଜନଶୀଳତା ପ୍ରଜ୍ଞା, ପ୍ରତିଭା ଓ ପ୍ରଣୋଦନାର ଅପେକ୍ଷା ରଖେ। ପ୍ରଜ୍ଞାଦୀପ୍ତ ମନୋଭୂମିରେ ସୃଜନସ୍ୱପ୍ନ ନୂଆ ନୂଆ ରୂପେ ବିକଶିତ ହୋଇ ପ୍ରତିଭା କୋଟିକୁ ଉନ୍ନିତ ହୁଏ। ସମୀକ୍ଷା ଶାସ୍ତ୍ରରେ ତ ନବ ନବ ଉନ୍ମେଷଶାଳିନୀ ପ୍ରଜ୍ଞାକୁ ହିଁ ପ୍ରତିଭା କୁହାଯାଏ। ଏହି ପ୍ରତିଭା ଯେତେବେଳେ ପ୍ରେରଣା ଭୂମିରେ ପାଦ ଥାପେ, ସେତେବେଳେ ହିଁ କବିତା ବା ସୃଜନଧର୍ମୀ ଲେଖାଟିଏ ଉଷା ପରି ଆସି ମନକୁ ରଙ୍ଗେଇ ଦିଏ। ବ୍ୟକ୍ତି ମଣିଷଟି କବି ବା ସର୍ଜନଶୀଳ ଲେଖକୀୟ ସତ୍ତା ବନିଯାଏ।

ଖିଆଲି ମଣିଷ ହିଁ ଅଧିକ ସୃଜନଶୀଳ। ଚିରାଚରିତ ଶଗଡ ଗୁଳାରେ ପାଦ ଦେଲେ ସୃଜନର ଦିଗନ୍ତ ଦିଶେନା। ପ୍ରଜ୍ଞା ତ ବିବେକବୋଧ ସଂଜାତ ଅବବୋଧ; ପ୍ରତିଭାତ ନୂଆ ନୂଆ ରୂପ ନେଇ ଉଦେ ହୁଏ। ପ୍ରଣୋଦନା ସୃଜନଶୀଳ ମନ ବା ଭାବଭୋଳା ଦୃଷ୍ଟିକୁ ଉଦ୍ରେକ କରୁଥିବା ସେହି ସାଧନ ମାତ୍ର। ଏହି କାରକ ତିନୋଟି ସର୍ଜନଶୀଳତାର ନିୟାମକ। ଏହି କାରକ ତ୍ରୟର ସମନ୍ୱୟରେ ବ୍ୟକ୍ତି ମଣିଷଟି କବି ମଣିଷରେ ରୂପାନ୍ତରିତ ହୋଇଯାଏ। ଆମେ ଆମ ପୁରାଣ କଳ୍ପ ବା ମିଥ୍‌ର ସର୍ଜନ, ପାଳନ ଓ ବିଲୟନ ଧାରାରେ ବ୍ରହ୍ମା, ବିଷ୍ଣୁ ଓ ଧ୍ୱଂସକାରୀ ରୁଦ୍ରର କାର୍ଯ୍ୟକାରିତାକୁ ଲକ୍ଷ୍ୟ କରିପାରିବା। ଲେଖାଟି ପ୍ରଥମେ ମଣିଷ ଚେତନାର ଅବଚେତନ ସ୍ତରରେ ରହିଥାଏ। ପରେ ଅର୍ଦ୍ଧଚେତନ ସ୍ତରକୁ ଆସି କୋଷା ବାନ୍ଧେ ଏବଂ ଚେତନ ସ୍ତରକୁ ଆସିଲେ ହିଁ ପ୍ରଜାପତି ପରି ଲେଖାଟି ଚହଟେ; ତାହା କବି ବା ଲେଖକର ଆଦରର ଧନ ପାଲଟିଯାଏ। ବିଦଗ୍ଧ ପାଠକେ ଲେଖାଟିକୁ ଅପଣେଇ ନିଅନ୍ତି। ସୃଜନଶୀଳତା ପାଇଁ ମା' ମନଲୋଡା। ମା' ମନ ନଥିଲେ କେହି କସ୍ମିନ କାଳେ କବି ବା ଲେଖକ ହୋଇପାରେନା। ମା' ଗର୍ଭରେ ଯେପରି ଭ୍ରୂଣ ସଂଚାର ଘଟି ବିଭିନ୍ନ ପର୍ଯ୍ୟାୟ ଦେଇ ତାହା ସନ୍ତାନ ରୂପ ନେଇ ଜନ୍ମେ; ଲେଖାଟି ବି ନାନା ପ୍ରତିଘାତ ନେଇ ଅକ୍ଷର ରୂପ ନିଏ। ଲେଖାଟି ଯେତେବେଳେ ଗର୍ଜନମୁଖର ହୁଏ, ସେତେବେଳେ କିଛି ହଟଚମଟ ସୃଷ୍ଟି କରିଥାଏ; ମାତ୍ର ପରେ ତାହା ତୃପ୍ତି ନଦେଇ ଅତୃପ୍ତିର କାରଣ ହୋଇଥାଏ। ମଣିଷ ମାତ୍ରକେ ସାମାଜିକ ଜୀବ। ସେ କର୍ମ କଷଣ ସହି ଦେଶ, ଜାତି, ସମାଜ ଏବଂ ସର୍ବୋପରି ଜଗତର କଲ୍ୟାଣରେ ନିଜକୁ ନିୟୋଜିତ କରେ। ଏହା ପାରିବାରିକ ସ୍ତରରୁ ସାମାଜିକ ସ୍ତର ଯାଏ ପରିବ୍ୟାପ୍ତ ହୋଇଥାଏ। କବି, ଲେଖକ ସମେତ ସର୍ଜନଶୀଳ ମଣିଷମାନେ ଜଗତର ଜାଗ୍ରତ ପ୍ରହରୀ। ଇଂରେଜ କବି ଶେଲି (P.B Shelly) କହନ୍ତି- କବିମାନେ ଅମରତ୍ୱର ଶୁଶ୍ରୁଷାକାରୀ (Nursing of immortality) ଏବଂ ଜଗତର ଅଣସ୍ୱୀକୃତ ବ୍ୟବସ୍ଥାପକ (the unacknowledged legislators of the world)। ସେହିମାନେ ହିଁ ପୃଥିବୀର ମଣିଷ ସହ ମଣିଷର ଆଳାପ ଆଲୋଚନାର ସେତୁ ପ୍ରସ୍ତୁତ କରନ୍ତି। ଉକ୍ତ କଥାକୁ Wordsworth ସ୍ୱୀକୃତି ଦେଇ କହନ୍ତି—The poet is a man speaking to other men, hence poetry is a mode of human communication. ମଣିଷ ହେଉଛି ମଣିଷର ପାରସ୍ପରିକ ଯୋଗାଯୋଗର ଏକ ମାର୍ଗବିଶେଷ। ଯଦି ଲେଖକ ଓ କବି ସମାଜ ପ୍ରତି ସମର୍ପିତ ନହୁଏ, ସେତେବେଳ ପର୍ଯ୍ୟନ୍ତ ଲେଖାର ମହକ ରହେନି ଓ ସେ ସମାଜର ଜାଗ୍ରତ ପ୍ରହରୀ ଭାବେ ପରିଗଣିତ ହୋଇନଥାଏ। ପ୍ରତ୍ୟେକ ସର୍ଜନକାରି ଲେଖକ ହେଉ କି କବି ହେଉ, ଅଲକ୍ଷିତ ଭାବରେ ଏକାନ୍ତ ଆଦର୍ଶକାମୀ ହେବାସହ ବଂଚି ବଂଚାଇବାର ରାହାଧରି ଚାଲିବା ଦରକାର।

–ଉମାଶଙ୍କର ପ୍ରସାଦ, ସ୍ତମ୍ଭକାର, ଖୋର୍ଦ୍ଧା,
ମୋ: ୬୩୭୦୬ ୭୫୫୬୨

ଆଜିର ଅନୁଚିନ୍ତା

ଗଛ ମୂଳରେ ଛିଡ଼ାହୋଇ ଗଛକୁ କାଟୁଥିବା ବ୍ୟକ୍ତିକୁ ମଧ୍ୟ ସେହି ଗଛ ଛାୟା ପ୍ରଦାନ କରିବାରୁ ବିରତ ହୁଏ ନାହିଁ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉତ୍‌ସୁକ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

ଦକ୍ଷିଣ ଦର୍ଶନ

ମାୟାଧର ନାୟକ

ଦକ୍ଷିଣ ଓଡ଼ିଶା ଦକ୍ଷତାର ଓଡ଼ିଶା, ତୃପ୍ତତାର ଓଡିଶା, ଦୁର୍ଦ୍ଦାନ୍ତତାର ଓଡ଼ିଶା । ଦକ୍ଷିଣ ଓଡ଼ିଶା ଦୁର୍ବାର ଓଡିଶା । ବନଜଂଗଲରୁ ଆରମ୍ଭ କରି ପାହାଡପର୍ବତର ପ୍ରାଚୁର୍ଯ୍ୟ ଦିନେ ଦକ୍ଷିଣ ଓଡିଶାକୁ ଦୁର୍ଭେଦ୍ୟ ଦୁର୍ଗର ଦୃଢ ଭାବମୂର୍ତ୍ତି ପ୍ରଦାନ କରିଥିଲା । ଏଠି ଥିଲା ଓଡିଶାବିଖ୍ୟାତ ରାଜବଂଶର ରାଜବାଟୀସବୁ ଏବଂ ପ୍ରଜାମାନେ ଥିଲେ ପ୍ରଖର ଯୋଦ୍ଧା ଜଣେ ଜଣେ । କିମ୍ବଦନ୍ତୀରୁ ଇତିହାସ ପର୍ଯ୍ୟନ୍ତ ଦକ୍ଷିଣ ଓଡିଶାର ଆଭାସଚିତ୍ର ବିଚିତ୍ରବର୍ଣ୍ଣାଳୀରେ ବିସ୍ମୟକର । ରାଜାମାନେ କେବଳ ରାଜନୀତି କରୁ ନ ଥିଲେ କି ଶାସନ କରୁ ନ ଥିଲେ, ସାହିତ୍ୟ କଳା-ସଂସ୍କୃତି ପାଇଁ ତଥା ଏକ ସାଂସ୍କୃତିକ ଓଡିଶାର ଅଭ୍ୟୁତ୍‌ଥାନ ପାଇଁ ଅନନ୍ୟ ଅନୁପ୍ରେରଣାର ଉଜ୍ଜ୍ୱଳ ଦୃଷ୍ଟାନ୍ତ ପ୍ରଦର୍ଶନ କରିଆସୁଥିଲେ - ପ୍ରଜାମାନେ ମାଟି ଆଉ ମାଆର ମହତ ରକ୍ଷା ପାଇଁ ପ୍ରାଣପାତ କରିବାକୁ କୁଣ୍ଠିତ ହେଉନଥିଲେ କଦାପି । ମାତ୍ର ବ୍ରିଟିଶ୍ ଶାସନକାଳରେ ଏହି ଶୂରବୀରର ଭୂଖଣ୍ଡକୁ ଶାସନଗତ ସୁବିଧାବାଦ ତଥା ସାମ୍ରାଜ୍ୟବାଦର ସ୍ୱାର୍ଥରକ୍ଷା ଦୃଷ୍ଟିରୁ ସାମିଲ୍ କରାଇଦିଆଗଲା ମାଡ୍ରାସ୍ ପ୍ରେସିଡେନ୍‌ସୀ ସହିତ । ଏହାଫଳରେ ପାରମ୍ପରିକ ରାଜଶକ୍ତିର ସ୍ପର୍ଦ୍ଧା ହେଲା ଭୂଲୁଣ୍ଠିତ ଏବଂ ପ୍ରଜାଶକ୍ତି ହେଲା ପଦାନତ । ପରାଧୀନ ଭାରତବର୍ଷରେ ଦକ୍ଷିଣ ଓଡିଶାର ଏହି ଦଶା ଏକ ଐତିହାସିକ ବିଡମ୍ବନା । ତଥାପି ପାଉଁଶ ତଳର ନିଆଁ ପରି ଏ ମାଟିର ମଲାଟ ତଳେ ପ୍ରସ୍ତୁତ ହେଉଥିଲା ଅନାଗତ ଭବିଷ୍ୟତର ଆଗ୍ନେୟ ଆହ୍ୱାନୀ । ଉତ୍‌କଳ ସମ୍ମିଳନୀର ମହାମଂଚରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ପାଇଁ ଯେଉଁ ଭାଷାଭିତିକ ଆନ୍ଦୋଳନର ଆବାଜ ଉଠିଥିଲା, ତାହାର ପୃଷ୍ଠଭୂମିରେ ଥିଲା ଏହି ଦୁର୍ବାର ଦକ୍ଷିଣ ଓଡିଶାର ଦୃପ୍ତ ଦାବୀନାମା । କାରଣ ମାନକ ଓଡିଆ ଭାଷାର ଭଣ୍ଡାରକୁ ସର୍ବାଧିକ ଅବଦାନ ଦେଇଛନ୍ତି ଏ ମାଟିର ବରପୁତ୍ରବର୍ଗ – ଭଞ୍ଜ, ବଳଦେବ, ଗୋପାଳକୃଷ୍ଣଙ୍କଠାରୁ ଆରମ୍ଭ କରି ବହୁ ବିଦ୍ୱାନ ପଣ୍ଡିତଙ୍କର ଏହି ପବିତ୍ରଭୂମି ଓଡିଆ ଭାଷାର ଆଭିଜାତ୍ୟକୁ ଅକ୍ଷୁର୍ଣ୍ଣ ରଖିବାରେ ଛାଡିଯାଇଛି ଅକ୍ଷୟକୀର୍ତ୍ତିର ଉର୍ଜ୍ଜସ୍ୱଳ ଇତିହାସ ।

ମୁଁ ଏସବୁ ତଥ୍ୟର ଜଞ୍ଜାଳ ଭିତରକୁ ନଯାଇ ସତ୍ୟର କେତୋଟି ଝଲକ ମାତ୍ର ସୂଚାଇଦେବାକୁ ଚାହୁଁଛି–ସେ ସତ୍ୟ ଯେତେ ଅପ୍ରିୟ ହେଉନା କାହିଁକି ଏକାନ୍ତ ପ୍ରଣିଧାନଯୋଗ୍ୟ । ବ୍ରିଟିଶ୍ ସରକାର ଦକ୍ଷିଣ ଓଡିଶାକୁ ମାଡ୍ରାସ୍ ପ୍ରେସିଡେନ୍‌ସୀର ଅନ୍ତର୍ଭୁକ୍ତ କରିବା ଦ୍ୱାରା ଯେପରି ଏହାର ପାରମ୍ପରିକ ରାଜଶକ୍ତିକୁ ମ୍ଳାନନିଷ୍ପ୍ରଭ କରିଦେଇ ପ୍ରଜାଶକ୍ତିର ପ୍ରମତତାକୁ ପ୍ରାଣହୀନ କରିଦେଇଥିଲେ, ସ୍ୱାଧୀନତା ପରେ ଏଇ କିଛିବର୍ଷ ତଳେ ଓଡିଶା ସରକାର ସେହିପରି ଅବିଭକ୍ତ ଗଞ୍ଜାମ-କୋରାପୁଟର ଦକ୍ଷିଣ ଓଡିଶା ଯେତେ ମାଓବାଦୀ କୋରାପୁଟକୁ ନେଇ ମୁଣ୍ଡ ଉଠାଇଆସିଥିବା ଦକ୍ଷିଣ ଓଡିଶାକୁ ଆହୁରି ଗୁଡିଏ ନୂଆ ନାଆଁର ତାଲିକାରେ ଜିଲ୍ଲାୱାରୀ ଖଣ୍ଡଖଣ୍ଡ କରିଦେବା ଦ୍ୱାରା ଏହାର ଅଖଣ୍ଡ ଆତ୍ମଶକ୍ତିକୁ ସବୁଦିନ ପାଇଁ ବିଭାଜିତ କରିଦେଲେ । ଏହାଦ୍ୱାରା ଜିଲ୍ଲାପାଳ ଚାକିରିର କେବଳ ବଢତି ହେଲା, ଅଧିକ ସରକାରୀ ଅଫିସ ଖୋଲାଯାଇ ଦପ୍ତରଗୁଡାକୁ ପରାଙ୍ଗପୁଷ୍ଟ ସରକାରୀ ଦରବାରର ଗୋଟିଏ ଗୋଟିଏ କର-ଆଦାୟକାରୀ କ୍ୟାମ୍ପସ୍‌ରେ ପରିଣତ କରାଗଲା ଏବଂ ଭୂଇଁଫୋଡା ଶାସନର ଦୁର୍ନୀତିଧାରାକୁ ନୂଆନୂଆ ଜିଲ୍ଲାରେ ବିସ୍ତାର କରିଦିଆଗଲା । ମାତ୍ର ଦୁଇଟି ଜିଲ୍ଲାକୁ ଛୋଟବଡ ଗୁଡିଏ ଜିଲ୍ଲାରେ ତାଲିକାଧୀନ କରାଇ ଓଡିଶା ସରକାର କି ବାହାଦୁରି ଦେଖାଇଲେ ତା' ମାଆ ମହାଦେଈକୁ ଜଣା, ମାତ୍ର ମୋର ବିନମ୍ର ମତ ଯେ ଏହାଦ୍ୱାରା କେବଳ ଶାସନର ଓ ପ୍ରଶାସନର ଫାଇଦା ହେଲା; ହେଲେ ଦକ୍ଷିଣ ଓଡିଶାର ଜନଗଣ ଦ୍ୱିତୀୟଥର ପାଇଁ ଶିକାର ହେଲେ ଏକ ସୁଦୂରପ୍ରସାରୀ ସରକାରୀ ଷଡଯନ୍ତ୍ରର ! ଏ ଷଡଯନ୍ତ୍ରର ସ୍ୱରୂପକୁ ଏବେ ହୁଏତ ଦକ୍ଷିଣଓଡିଶାବାସୀ ଦେଖିପାରୁନାହାନ୍ତି, କିନ୍ତୁ ଅଦୂର ଭବିଷ୍ୟତର ଏହାର ବିଷମୟ ପରିଣାମକୁ ଅଙ୍ଗେ ନିଭାଇବେ ନାତି-ଅଣନାତିଙ୍କୁ ନେଇ ଆମର ଉତରଦାୟାଦ । ପ୍ରଥମତଃ, ଏହି ବିଭାଜନକୁ ନିଜର ଆର୍ଥିକ ଆଁ'ର ଚାହିଦା ମେଂଟାଇବାକୁ ଯାଇ ଓଡିଶା ସରକାର ନୂଆଯୋଜନା ନାଆଁରେ କାଏମ୍ କରିଦେଲେ, କିନ୍ତୁ ଦକ୍ଷିଣ ଓଡିଶାର ଆତ୍ମିକ ସୂତ୍ରକୁ ଛିନ୍ନ କରିଦେଲେ ସବୁଦିନ ପାଇଁ । ଆଦିବାସୀ ଓ ଅଧିବାସୀଙ୍କ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ମିଳିତ ସ୍ଥିତିକୁ ନେଇ ଯେଉଁ ଦକ୍ଷିଣ ଓଡିଶା ଦିନେ ଏକ ଦକ୍ଷ ଓ କାର୍ଯ୍ୟକ୍ଷମ ଓଡିଶା ହୋଇ ସାରା ଓଡିଶାର ଦକ୍ଷିଣଦୁଆରୀ ଘର ବୋଲାଉଥିଲା, ତାହା ଆଜି ଗୋଟାଏ ଭଂଗାଘର–ଯେଉଁଠି ଜନଅସନ୍ତୋଷର ପ୍ରତିକ୍ରିୟାସ୍ୱରୂପ ନବଜନ୍ମ ନେଇଛି ମାଓବାଦୀ ଲାଲ୍‌ବାହିନୀ । ପରିସଂଖ୍ୟାନକୁ ଅନୁଧ୍ୟାନ କଲେ ସ୍ପଷ୍ଟ ଜଣାଯିବ ଯେ ଅବିଭକ୍ତ ଗଂଜାମ-କୋରାପୁଟର ଦକ୍ଷିଣ ଓଡିଶା ଯେତେ ମାଓବାଦୀ ଆକ୍ରମଣରେ ଅତିଷ୍ଠ ହେଉନଥିଲା, ବର୍ତମାନର ଶାସନ-ପ୍ରଶାସନର ମିଳିତ ମେଂଟର ଚକ୍ରାନ୍ତରେ ବୂର୍ଣ୍ଣୀଭୂତ ଦକ୍ଷିଣ ଓଡିଶା ପ୍ରତ୍ୟହ ପ୍ରାଣପୀଡା ଭୋଗୁଛି ନବ୍ୟ ମାଓବାଦୀ ଅଭିଯାନର ସନ୍ତ୍ରାସୀ ସଂପ୍ରସାରଣ ଦ୍ୱାରା ।



ଦକ୍ଷିଣ ଓଡିଶାର ଏହି ନୈତିକ ଓ ସାଂସ୍କୃତିକ ମଂଚକୁ ମୁଁ ରାଜନୈତିକ ମଂଚ ଭାବରେ ବ୍ୟବହାର କରିବାକୁ ଯାଉନାହିଁ । ମାତ୍ର ଗୋଟିଏ କଥା ଏଠାରେ ସ୍ପଷ୍ଟ ସୂଚାଇଦେବାକୁ ଚାହୁଁଛି ଯେ ଗତକାଲିର ରାଜତନ୍ତ୍ରଲାଳିତ ରାଜାମାନଙ୍କର ରାଜନୀତି ଏ ମାଟିର କଳା-ସାହିତ୍ୟ-ସଂସ୍କୃତିର କ୍ରମବିସ୍ତାର ପାଇଁ ଯେଉଁ ନବଜାଗରଣକୁ ଜନ୍ମ ଦେଇଥିଲା, ଆଜିକାଲିକାର ଗଣତନ୍ତ୍ରପାଳିତ ମନ୍ତ୍ରୀମାନଙ୍କର ରାଜନୀତି ଅତୀତର ସେ ରେନେଁସା ବା ନବଜାଗରଣକୁ ଦେଇସାରିଛି ଦାରୁଣ ମୃତ୍ୟୁଦଣ୍ଡାଦେଶ ! ଆଉ ଏ ମାଟିରେ ଭଂଜ, ବଦଦେବ କି ଗୋପାଳକୃଷ୍ଣମାନେ ଜନ୍ମ ନେବା ଏକ ଦିବାସ୍ୱପ୍ନ । ଆଜି ଏଠି କେବଳ ଟଙ୍କା–ଟଙ୍କା–ଟଙ୍କା... ଟଙ୍କା ପଛରେ ସମସ୍ତେ ଟିଙ୍କ–କିଏ ପଚାରୁଛି କଳା-ସାହିତ୍ୟ-ସଂସ୍କୃତି କଥା ? ଇଏ ଆଜି କି ରାଜନୀତି ? ଏଇ ଦକ୍ଷିଣ ଓଡିଶାରୁ ବିଶ୍ୱନାଥ ଦାସ, ସଦାଶିବ ତ୍ରିପାଠୀ, ବିନାୟକ ଆଚାର୍ଯ୍ୟ, ବିଜୁ ପଟ୍ଟନାୟକ ପ୍ରମୁଖ ମୁଖ୍ୟମନ୍ତ୍ରୀ ହୋଇଛନ୍ତି, ପୁଣି ସର୍ବାଗ୍ରେ ସ୍ମରଣୀୟ ଗଜପତି କୃଷ୍ଣଚନ୍ଦ୍ର ମଧ୍ୟ ଏଇ ଦକ୍ଷିଣ ଓଡିଶାରୁ ହିଁ ସାକାର କରିଛନ୍ତି ସ୍ୱତନ୍ତ୍ର ଓଡିଶାର ସ୍ୱପ୍ନ । ବିଜୁତନୟ ନବୀନ ମଧ୍ୟ ଏହି ବୀରମାଟି ଦକ୍ଷିଣ ଓଡିଶାର ସମର୍ଥନ ପାଇ ଏବେ ସାରାଓଡିଶାର ମୁଖ୍ୟମନ୍ତ୍ରୀ । ଅଥଚ ଏ ଲୋହିତ ଲାଭାର ମାଟି ଯେଉଁ ତିମିରେକୁ ସେଇ ତିମିରେ ।

ଦକ୍ଷିଣ ଓଡିଶାର ଦାବୀନାମା ଆଜି ସରକାରୀ ସିରସ୍ତାର ଫାଇଲ୍ ଫାଙ୍କରେ ଫେରାର୍ ! ଦୂରପର୍ବତସବୁ ଦିବ୍ୟସୁନ୍ଦର ଦିଶୁଛି–କିନ୍ତୁ ସବୁ ଜଙ୍ଗଲ ପାଲଟିଛି ଜଉଘରର–ଜଳୁଛି, ଜଳୁଛି, ନିଭିବାର ନାହିଁ ଏ ନିସ୍ତାରହୀନ ଜ୍ୱଳନରୁ । କିଏ ବୁଝିବ ଦକ୍ଷିଣର ଏ ଦୁଃଖ ? ସମସ୍ତେ ତ 'ଦକ୍ଷିଣା' ଦାୟରେ ଦୋରସ୍ତ ! ଚାହୁଁଚି କିଏ ଚିଲିକାର ନୀଳଚଂଚଳ ଚାହାଣିକୁ ? ଚିତ୍ରପଟ ଚିରିଗଲାଣି–ଚାଲିଛି କେବଳ ଚିଙ୍ଗୁଡିଚାଷ–ଘେରିବନ୍ଧା ଫେରିବାଲାଙ୍କ ପର୍ଦ୍ଦାଫାଶ !

ଏଇ ଓଡିଶାର ଦକ୍ଷିଣଦୁଆରୀ ଘରୁ କେତେ କଳାକାର, କେତେ ଶିଳ୍ପୀ ପୃଥିବୀପ୍ରଖ୍ୟାତ ହୋଇପାରିଛନ୍ତି । ଖଲ୍ଲିକୋଟ ଏଇ କଳାସଂସ୍କୃତିର ଆଧୁନିକ ଏନ୍ତୁଡିଶାଳ । କିନ୍ତୁ କାହିଁ, କର୍ପୂର ଉଡିଗଲା ପରେ କନାକୁ ବି ଅନାଉଛି କିଏ ?

ଦକ୍ଷିଣ ଓଡିଶା ତନ୍ତ୍ରଭୂମି । ଏହି ତନ୍ତ୍ରଭୂମିର ମନ୍ତ୍ର ଆଜି ମସୀଲିପ୍ତ । ଗାଆଁଗାଆଁରେ ଗ୍ରାମଦେବତାର ଦେଉଳସବୁ ଦିଶୁଛି ଅସ୍ଥିକଙ୍କାଳସାର ଅସ୍ତିତ୍ୱ ପରି । ଦିଅଁମାନେ ଶୋଇପଡିଛନ୍ତି ପଥରବେଦିରେ । ଆଉ ଶୁଭୁନାହିଁ ପ୍ରେରଣାର ପୂରବୀ : ଭାଷା ଛନ୍ଦର ଭୈରବୀ ।

ଏ ଭୂମି ହେଉଛି ସଂସ୍କୃତିର ସଙ୍ଗମକ୍ଷେତ୍ର । ଏଠି ଏକାଧାରରେ ସାମନ୍ତବାଦୀ ସାହିତ୍ୟ ଓ ଆଦିବାସୀ ଲୋକସାହିତ୍ୟର ଯୁଗଳବନ୍ଦି ଅଭିବ୍ୟକ୍ତି ଉଲ୍ଲେଖଯୋଗ୍ୟ । ଭଂଜଭୂମି ଗଂଜାମରେ ରୀତିକାବ୍ୟର ମହାସମୁଦ୍ର ଉଛୁଳି ଉଠିଥିଲାବେଳେ ଆଦିଭୂମି କୋରାପୁଟର ପବନରେ ଲହରି ସୃଷ୍ଟି କରିଛି ଆଦିବାସୀ ସାହିତ୍ୟର ପ୍ରାଣସ୍ପନ୍ଦନ । ଓଡିଆ ଭାଷାକୁ ମହାର୍ଘ ମାନ୍ୟତା ପ୍ରଦାନ କରିବାରେ ଦକ୍ଷିଣ ଓଡିଶାର ଅବଦାନ ଅବିସ୍ମରଣୀୟ । ଅଥଚ ମାତୃଭାଷାର ମର୍ଯ୍ୟାଦା ପାଇଁ ମିନିଟିଏ ଚିନ୍ତନ କି ଚର୍ଚ୍ଚା କାହିଁ ? ଆଜି ତାମିଲ, ତେଲଗୁ, ମାଲୟାଲମ୍, କନ୍ନଡ ସମେତ ସଂସ୍କୃତ ଭାଷା ନିଜ ନିଜର ମାନ୍ୟତା ଦାବୀରେ କେନ

ଧାନ ଫସଲର କୀଟ ପରିଚାଳନା

ପ୍ରସ୍ତୁତି- ଡ଼ି ଶୁଭମ୍
ସଂଯୋଜକ, କୃଷି ଦୁନିଆ

ଚକଡା ପୋକ- ଧାନ ର ଏକ ପ୍ରମୁଖ ଉତ୍ପାଦନ ହ୍ରାସକାରୀ କୀଟ ଭାବେ ଚକଡା ପୋକ ବେଶ ଜଣାଶୁଣା। କୃଷି ବିଜ୍ଞାନରେ ଏହାକୁ 'ବ୍ରାଉନ ପ୍ଲାଣ୍ଟ ହୋପର' ବୋଲି କୁହାଯାଏ। ତେବେ ଚକଡା ପୋକ ମୁଖ୍ୟତଃ ତିନୋଟି ସ୍ତର ଦେଇ ଗତି କରିଥାଏ-ଅଣ୍ଡା-ଅର୍ଭକ-ପୂର୍ଣ୍ଣାଙ୍ଗ କୀଟ। ପୂର୍ଣ୍ଣାଙ୍ଗ କୀଟ ଦେଖିବାକୁ ମାଟିଆ ରଙ୍ଗର ସ୍ତ୍ରୀ କୀଟଟି ୫ମି.ମି ଲମ୍ବା ହୋଇଥିବା ବେଳେ ପୁରୁଷ କୀଟଟି ୪-୪.୫ ମି.ମି ଭିତରେ ଲମ୍ବାଥାଏ। ପତ୍ର ର ମଝି ଭାଗରେ ଅଣ୍ଡା ଗୁଡିକ ଦେଖାଯାଏ (୨-୧୨) ଅଣ୍ଡା ଟି ଧଳା ଓ ବଙ୍କା ଆକୃତିର ହୋଇଥାଏ। ସମ୍ପୂର୍ଣ ଜୀବନ ଚକ୍ର ୧୮-୨୨ ଦିନ ଭିତରେ ଶେଷ ହୋଇଥାଏ।

ଲକ୍ଷଣ- ଏହାର ପୂର୍ଣ୍ଣାଙ୍ଗ କୀଟଟି ଗଛର ତଳ ଭାଗର ରସକୁ ଶୋଷି ଶୋଷି ଖାଇଯାଇଥାଏ। ଖାଇବା ସମୟରେ ଏହା ଏକ ବିଷାକ୍ତ ପଦାର୍ଥ ନିର୍ଗତ କରିଥାଏ। ଯାହା ଫଳରେ (ହୋପର ବର୍ନ) ଲକ୍ଷଣ ଦେଖାଯାଇଥାଏ। ପତ୍ର ଗୁଡିକ ହଳଦିଆ ପଡିଯିବା ସହିତ ଗୋଲାକୃତି ଆକାରରେ ଗଛ ଶୁଖିଯାଏ। ଏହା ଯେଉଁ ଧାନ ଗଛକୁ ଆକ୍ରମଣ କରିଥାଏ, ତାହାର କାଣ୍ଡ ଭାଗ ଶୁଖିଯାଏ ଓ ଏହା ଭବିଷ୍ୟତରେ କୁଟା ହୋଇପାରେ ନାହିଁ ।

ପ୍ରତିକାର - * ଚକଡା କୀଟ ଆକ୍ରାନ୍ତ ଜମିରେ ଏକ କିସମକୁ ଦ୍ୱିତୀୟ ଥର ବ୍ୟବହାର କରନ୍ତୁ ନାହିଁ ।

* ସହନଶୀଳ କିସମ ଯଥା ଗୋଦାବରୀ, କ୍ରିଷ୍ଣାଭେନି, ଚେତନ୍ୟ ପ୍ରଭୁତି ବ୍ୟବହାର କରିବା ଆବଶ୍ୟକ।

* ଧାନ ଜମିର ମଝି ଭାଗରେ କନ୍ଦି କରନ୍ତୁ । ଏହାଦ୍ୱାରା ଉପଯୁକ୍ତ ସୂର୍ଯ୍ୟାଲୋକ ମିଳିପାରିବା ସହ ଆର୍ଦ୍ରତା ନିୟନ୍ତ୍ରଣ ହୋଇପାରିବ।

* ଜମିରୁ ଅନାବନା ଘାସ ଉପାଡିଦିଅନ୍ତୁ ।

* ପୋକର ଗତିବିଧି ଲକ୍ଷ୍ୟ କରି କୀଟନାଶକ ବ୍ୟବହାର କରନ୍ତୁ।

* ଗଛର ତଳଭାଗକୁ କାର୍ବୋଫ୍ୟୁରାଣ ଦାନା ଏକରକୁ ୧୦ କି.ଗ୍ରା, ଏସିଫେଟ ଏକଲିଟର ପାଣିରେ ୧୫ କି.ଗ୍ରା ମିଶାଇ ୩-୪ ଥର ସ୍ପ୍ରେ କରନ୍ତୁ ।

ନଳି ପୋକ- ଏହା ଧାନ ଫସଲର କ୍ଷତିକାରକ କୀଟ ମଧ୍ୟରେ ଅନ୍ୟତମ। ଏହାର ଶୁକ ଗୁଡ଼ିକ ଫିକା ସବୁଜ ରଙ୍ଗର ଓ ସଦାବେଳେ ପତ୍ରର ନଳୀ ଭିତରେ ଅବସ୍ଥାନ କରିଥାନ୍ତି।

କୃଷି ଓଡ଼ିଶାର ଅର୍ଥନୀତିର ମାପକାଠି ରୂପେ ବିବେଚନା କରାଯାଉଥିବା ବେଳେ ଏହାର ଜଳବାୟୁ ଅନୁସାରେ ଅଧିକାଂଶ ଲୋକ ଧାନ ଚାଷ ଉପରେ ନିର୍ଭରଶୀଳ। ମୁଖ୍ୟତଃ ୭୦ ଭାଗ ଲୋକ ଚାଷବାସ ଉପରେ ନିର୍ଭର କରନ୍ତି। ଓଡ଼ିଶାର ବିଭିନ୍ନ ଋତୁରେ ବିଭିନ୍ନ ଚାଷ କରାଯାଇଥିଲେ ହେଁ ଧାନ ମୁଖ୍ୟ ଚାଷ ଅଟେ। ମୁଖ୍ୟତଃ ଖରିଫ ଋତୁର ଆରମ୍ଭରେ ଧାନ ଚାଷ କରାଯାଇଥାଏ, ପରନ୍ତୁ ଧାନ ଚାଷର କେତେକ କ୍ଷତିକାରକ କୀଟ ଏହାର ଉତ୍ପାଦନରେ ହ୍ରାସ କରାଇଥାଏ। ବର୍ତ୍ତମାନ ସମୟରେ ଧାନ ଫସଲରେ କୀଟ ପରିଚାଳନା ଏକ ମୁଖ୍ୟ ଚିନ୍ତା ଭାବେ ଉଭା ହୋଇଛି। ତେବେ ଆସନ୍ତୁ ନଜର ପକେଇବା ଧାନ ଫସଲର ପ୍ରମୁଖ କୀଟମାନଙ୍କ ଉପରେ...

ଏମାନେ ଫିମ୍ବରୁ ବାହାରିବା ପରେ ଧାନ ପତ୍ରର ଅଗ ଭାଗକୁ କାଟି ଛୋଟଛୋଟ ନଳୀ ତିଆରି କରନ୍ତି। ନଳୀ ଭିତରେ ରହି ପତ୍ରର ସବୁଜ କଣିକାକୁ କୋରି କୋରି ଖାଇଥାନ୍ତି। ଏହି ନଳୀ ଗୁନିକ ପାଣିରେ ସହଜରେ ଭାସି ପାରେ।

ପ୍ରତିକାର - ଏହି ପୋକ ଦାଉରୁ ରକ୍ଷା ପାଇବା ପାଇଁ କୁଇନାଲଫସ ୨୫ଇସି ୨ମିଲି ପ୍ରତି ଲିଟର ପାଣିରେ ପ୍ରୟୋଗ କରି ଜମିରେ ପ୍ରୟୋଗ କରନ୍ତୁ।

ସ୍ୱାମିଙ୍ଗ ସଁବାଲୁଆ - ଏହା ଦେଖିବାକୁ ଗାଢ଼ ସବୁଜ ରଙ୍ଗର ଶୁକ। ଏହାର ନିୟନ୍ତ୍ରଣ ପାଇଁ ଜମିରୁ ସଠିକ ଭାବେ ଜଳ ନିଷ୍କାସନ କରିବା ଆବଶ୍ୟକ।

କାହାଳିଆ ପୋକ - ଏହା ସାଧାରଣତଃ ବର୍ଷାଦିନିଆ ଡଧାନ ଫସଲରେ ଦେଖାଯାଇଥାଏ। ପିଲ ଦେଉଥିବା ଅବସ୍ଥାରେ ପିଲ ଭିତରେ ପଶି କଅଁଳିଆ ମଂଜିର ଅଗ୍ରଭାଗକୁ ଖାଇଥାନ୍ତି। ଫଳରେ ପିଲଟି କାହାଳୀ ସଦୃଶ ହୋଇ ବଢ଼ିଥାଏ। କେଣ୍ଡାର ଧାରଣ ଶକ୍ତି କମିଥାଏ।

ପ୍ରତିକାର- ସଙ୍ଗ ଆକର୍ଷକ ଯନ୍ତ୍ର ବ୍ୟବହର କରିବା ଉଚିତ୍।

-ପଟାସ ସାର ବ୍ୟବହାର କରିବା ଦରକାର।

-କାର୍ବୋସଲଫନ୍ ୨୫%ଇସି ୨ମିଲି ପ୍ରତି ଲିଟର ପାଣିରେ ଜମିରେ ସିଂଚନ କରିବା ଆବଶ୍ୟକ।

ମାଟିଆଗୁଣ୍ଡି ପୋକ - ଏହା ମାଟିଆ ଓ ବାଦାମୀ ରଙ୍ଗର ଶୋଷକ କୀଟ ଅଟେ। ବର୍ଷାଦିନିଆ ଓ ଡ଼ାଲୁଅ ଧାନରେ ଏହା ବହୁଳ କ୍ଷତି କରିଥାଏ। ଏହା ଧାନ ବୁଦା ମୂଳରେ ଜଳପତନର ଠିକ ଉପର ଭାଗରେ ରହି କାଣ୍ଡରୁ ରସ ଶୋଷି ଖାଇଥାଏ। ଏହାର ଆକ୍ରମଣରେ ପ୍ରଥମେ ପତ୍ର ଗୁଡ଼ିକ ହଳଦିଆ ପଡ଼ିଯାଏ ଓ ଶେଷରେ ଧାନଗୁଡ଼ିକ ମରିଯାଏ। ଫୁଲ ଧରିବା ସମୟରେ ଏମାନଙ୍କ ପ୍ରାଦୁର୍ଭାବ ବେଶୀ ଥାଏ।

ପ୍ରତିକାର- ସଙ୍ଗଆକର୍ଷକ ଯନ୍ତ୍ରର ବ୍ୟବହାର କରିବା

ଇମିଡ଼ାକ୍ଲୋପିଡ୍ ୦.୨୫ମିଲି ପ୍ରତି ଲିଟର ପାଣିରେ ପକାଇ ସିଂଚନ କରିବା।

(ସମ୍ପାଦକ-ଶ୍ୟାମଳ ସୁବର୍ଣ୍ଣ, ବାସୁଦେବପୁର,ଭଦ୍ରକ, ମୋ:୯୪୩୮୪୬୭୦୭୯)

ନଡ଼ିଆ ଫସଲରେ ଗଣ୍ଡାପୋକ ଦମନ

ଭୁବନାନନ୍ଦ ଅଧିକାରୀ
କୀଟ ଟିଏ କଥା ଟିଏ - ୪

ଜୀବନ ଚକ୍ର :

ଗଣ୍ଡାପୋକ ବା ରାଇନୋସରସ ବିଟିଲ ଏକ ଉତ୍ତମ ପ୍ରଜନନକ୍ଷମ ଅନିଷ୍ଟକାରୀ କୀଟ, ଯାହାର ପ୍ରାଦୁର୍ଭାବ ସମସ୍ତ ଜଳବାୟୁ ଓ ପରିବେଶରେ ଦେଖାଯାଇଥାଏ। ଏହାର ଜୀବନ ବୃତ୍ତାନ୍ତ ଅଧ୍ୟନ କଲେ ଜଣାଯାଏ ଯେ ଏହି କୀଟ ଗୋବର, ଖତଗଦା, ମୃତ ଓ ବିଘଟିତ ଜୈବିକ ପଦାର୍ଥର ଧ୍ୱଂସାବଶେଷରେ ମଧ୍ୟ ନିଜର ପ୍ରଜନନ କାର୍ଯ୍ୟ କରି ବଂଶବିସ୍ତାର କରିପାରେ ଓ ହାରାହାରି ୧୭୧ ଦିନ ମଧ୍ୟରେ ଏହାର ଜୀବନଚକ୍ର ପରିସମାପ୍ତ ହୁଏ। ତନ୍ମଧ୍ୟରୁ ଅଣ୍ଡା ଅବସ୍ଥା ୧୦ ଦିନ, ଶୁକ ଅବସ୍ଥା ୧୩୦ ଦିନ ଓ କୋଷା ଅବସ୍ଥା ୨୦ ଦିନରେ ଶେଷ ହୁଏ । ପୂର୍ଣ୍ଣାଙ୍ଗ ପ୍ରାପ୍ତ କୀଟଟି କୋଷରୁ ବାହାରିବା ପରେ ୫-୨୬ ଦିନ ପର୍ଯ୍ୟନ୍ତ ବିଶ୍ରାମ କରେ ଏବଂ ତତ୍ପରେ ନଡ଼ିଆ ଗଛର ଅଗ୍ରଭାଗକୁ ଉଡ଼ି ଚାଲିଯାଏ। ଏହି କୀଟର ଅଣ୍ଡିରା ପୂର୍ଣ୍ଣାଙ୍ଗ କୀଟଟି ୧୨୦ ଦିନ ବଂଚିଥିବା ବେଳେ ମାଈ କୀଟଟି ହାରାହାରି ୧୪୨ ଦିନ ଜୀବନ ଧାରଣ କରିଥାଏ। ଫେବୃୟାରୀରୁ ଏପ୍ରିଲ ଏବଂ ସେପ୍ଟେମ୍ବରରୁ ଅକ୍ଟୋବର ମଧ୍ୟରେ ଏହି ପୋକ ସର୍ବାଧିକ ଅଣ୍ଡା ଦେଇଥାଏ।

କ୍ଷତି :

ପୂର୍ଣ୍ଣାଙ୍ଗପ୍ରାପ୍ତ ପୋକଟି ସାଧାରଣତଃ ନଡ଼ିଆଗଛର ବାହୁଙ୍ଗା ଏବଂ ଫୁଲକୁ ମାତ୍ରାଧିକ ଆକ୍ରମଣ କରି କ୍ଷତି ପହଞ୍ଚାଏ। ଏହି ପୋକ ଆକ୍ରମଣ ନଡ଼ିଆ ଫସଲରେ ହାରାହାରି ୧୦ ପ୍ରତିଶତ ଅମଳ ହ୍ରାସ କରେ । ୩-୧୦ ବର୍ଷ ବୟସ ଗଛ ଗୁଡ଼ିକରେ ଏହି ପୋକର ଆକ୍ରମଣ ଜନିତ କ୍ଷତି ଅଧିକ ହୋଇଥାଏ। ଆକ୍ରମିତ ବାହୁଙ୍ଗା ଗୁଡ଼ିକର ପତ୍ର କଟିଯାଇଥିବା ଲକ୍ଷ୍ୟ କରାଯାଏ। ଏହାକୁ ବୈଜ୍ଞାନିକ ଭାଷାରେ ଜିଓମେଟ୍ରିକ କଟ୍, ଫ୍ୟାନକଟ୍ ବୋଲି କୁହାଯାଏ । ସାଧାରଣତଃ ବିଶେଷ ଆକ୍ରମଣ ହୋଇ ନଥିଲେ ଗୋଟିଏରୁ ଦୁଇଟି ପତ୍ର କଟିଥାଏ । ଯଦି ଏହି ପୋକର ପ୍ରାଦୁର୍ଭାବ ମାତ୍ରାଧିକ ହୁଏ ଓ ଏହାର ଆର୍ଥିକ ଦେହଳୀ ସୀମା ଉଲ୍ଲଙ୍ଘନ କରେ, ସମସ୍ତ ପତ୍ର ଏହିଭଳି କଟିଥିବା ଲକ୍ଷ୍ୟ କରାଯାଏ। ଏହା ପ୍ୟତୀତ ସମ୍ପୂର୍ଣ୍ଣ ଖୋଲି ନଥିବା ବାହୁଙ୍ଗା ମୂଳରେ ଆୟତକାର କଣା ଦେଖାଯାଏ ଏବଂ ଏହି କଣା ପାଖରେ ପୋକ ଦ୍ୱାରା ନଷ୍ଟ ହୋଇଥିବା ବୃକ୍ଷର ତନ୍ତୁଗୁଡ଼ିକର ଅବଶିଷ୍ଟାଂଶ ଦେଖିବାକୁ ମିଳେ । ମାତ୍ରାଧିକ କ୍ଷତି ହେବା ପୂର୍ବରୁ ଏହି ପୋକର ଦମନ ନ କରାଗଲେ ନଡ଼ିଆଗଛ ଅନ୍ୟ କ୍ଷତିକାରୀ କୀଟ ଆକ୍ରମଣ ତଥା କବକଜନିତ ରୋଗ ଆକ୍ରମଣ ପାଇଁ ଉପଯୋଗୀ ହୋଇଯାଏ।

ନିୟନ୍ତ୍ରଣ :

ଏହି କୀଟର ନିୟନ୍ତ୍ରଣ ପାଇଁ ପ୍ରଥମେ ପରିଷ୍କାର ପରିଚ୍ଛନ୍ନ ଚାଷ ପ୍ରଣାଳୀ ଅବଲମ୍ବନ ଆବଶ୍ୟକ। ଗଛର ଆଖପାଖ ପରିଷ୍କାର ରଖିବା ସହ ଗଛରେ ଥିବା ମୃତଅଂଶ, ପଚା ଅଂଶ, ପତ୍ରଗୁଡ଼ିକୁ ସମୟାନୁସାରେ କାଟି ସଫା କରିବା ଦ୍ୱାରା ଏହି ପୋକ ଆକ୍ରମଣରୁ ରକ୍ଷା ମିଳେ । ଏହି ପୋକ ଦ୍ୱାରା ସୃଷ୍ଟି ଆୟତକାର ଗଣାରେ ସ୍ପୋକ ବା ଏକ ସରୁ ତାର ପୂରାଇ ପୂର୍ଣ୍ଣାଙ୍ଗପ୍ରାପ୍ତ ପୋକକୁ ଧରି ତାକୁ ନଷ୍ଟ କରିବା ମଧ୍ୟ ଜରୁରୀ । ନଡ଼ିଆ ବାହୁଙ୍ଗା ବାହାରିଥିବା ଗଛର ଅଂଶ ବା କନ୍ଦରେ ସେଭିଡଲ ୨୫ ଗ୍ରାମ ଓ ସରୁବାଲି ୨୦୦ ଗ୍ରାମର ମିଶ୍ରଣ ବା ଫୋରେଟ୍ ଓ ବାଲିର ମିଶ୍ରଣକୁ ପ୍ରୟୋଗ କଲେ ଏହାର ଉତ୍କଟ ଗନ୍ଧ ଦ୍ୱାରା ଏହି ପୋକଗୁଡ଼ିକ ଫସଲ ଆଡ଼କୁ ଆକର୍ଷିତ ହୁଅନ୍ତି ନାହିଁ। ଯାହାଦ୍ୱାରା ଆକ୍ରମଣଜନିତ କ୍ଷତି ହ୍ରାସପାଏ। ଜୈବିକ ଉପାୟରେ ଏହି ପୋକର ମଧ୍ୟ ନିୟନ୍ତ୍ରଣ ସମ୍ଭବପର। ଏହି କୀଟକୁ ନିୟନ୍ତ୍ରଣ କରୁଥିବା ଭୂତାଣୁ ବା ବ୍ୟାକୁଲୋ ଭାଇରସର ପ୍ରୟୋଗ ବା କୀଟ ବିନାଶକାରୀ କବକ ମେଟାରିଜିୟମ୍ ଆନିସୋପିଲେର ପଇଡ଼ପାଣି ବା ମକାଗୁଣ୍ଡ ବା କୁଣ୍ଡାରେ ବଂଶବିସ୍ତାର କରାଇ ଏହି କବକର ସ୍ପୋରକୁ ଗଛ ପାଖରେ ଥିବା ଖତଗଦାରେ କ୍ୟୁବିକ୍ ମିଟର ପ୍ରତି ୫ ଢ ୧୦୧୧ ସ୍ପୋର ପ୍ରୟୋଗ ଦ୍ୱାରା ଏହି କୀଟ ଦମନ ସମ୍ଭବପର ହୋଇଥାଏ । କେତେକ ଉପକାରୀ କୀଟ ମଧ୍ୟ ଅଛନ୍ତି ଯେଉଁମାନେ ଏହି ଗଣ୍ଡାପୋକକୁ ବିନାଶ କରିବାରେ ସାହାଯ୍ୟ କରନ୍ତି। କିନ୍ତୁ ଆମ ରାଜ୍ୟରେ ବା ପ୍ରାକୃତିକ ଅବସ୍ଥାରେ ଏହାର ପ୍ରୟୋଗ ଏତେଟା ସଫଳକାମୀ ହୋଇ ନଥାଏ । ଜୈବିକ ନିୟନ୍ତ୍ରଣର ଅନ୍ୟ ପ୍ରମୁଖ ଦିଗ ସ୍ୱରୂପ କୀଟ ନିୟନ୍ତ୍ରକ ସୂତ୍ରକୃମିର ଉତ୍ପାଦଡିଡି ୧୩୬ର ପ୍ରୟୋଗ କଲେ ଏହାର ପ୍ରଭାବରେ ଗଣ୍ଡାପୋକର ଶୁକ ବା କୋଷାଗୁଡ଼ିକର ଦମନ ସମ୍ଭବ ହୁଏ। ଏହି ସୂତ୍ରକୃମି ଜାତ ଉତ୍ପାଦର ପ୍ରୟୋଗ ଦ୍ୱାରା ୬୦-୧୦୦ ପ୍ରତିଶତ କୀଟ ଦମନର ନଜିର ରହିଛି। ଏତଦ୍ ଭିନ୍ନ କ୍ଷତିକାରୀ ଗଣ୍ଡାପୋକର ସଂଘ ଆକର୍ଷକ ଯନ୍ତ୍ର ବସାଇ (୫ ଏକରକୁ ୧ଟି ଯନ୍ତ୍ର ବସାଇବାର ୬୦ ଦିନ ପରେ ଆକ୍ରମଣ ଜନିତ କ୍ଷତିକୁ ୮୦ ପ୍ରତିଶତ କମାଇ ଦିଆଯାଇପାରେ। ଏହିସବୁ ଅଣରାସାୟନିକ ନିୟନ୍ତ୍ରଣ ବ୍ୟତୀତ ସମୟାନୁସାରେ ଗଛ ନିକଟରେ ଥିବା ଖତଗଦା ବା କମ୍ପୋଷ୍ଟ ପିଟରେ ବାର୍କାରିଲ ୫୦ ପ୍ରତିଶତ ଗୁଣ୍ଡ ଲିଟର ପ୍ରତି ୩ ଗ୍ରାମ ଦ୍ରବଣକୁ ସିଞ୍ଚନ କଲେ ଏହି କୀଟ ଆକ୍ରମଣରୁ ରକ୍ଷା ମିଳେ ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଚାଷୀଭାଇମାନେ ନିଜେ ନିଜ ଫସଲ ସମସ୍ୟା ପାଇଁ ସମାଧାନ ଉପାୟ ନ ଭାବି ପାଖରେ ଥିବା କୃଷି ବିଜ୍ଞାନ କେନ୍ଦ୍ର ବା କୃଷି ଅନୁସନ୍ଧାନ ଓ ବୈଷୟିକ ଜ୍ଞାନକୌଶଳ କେନ୍ଦ୍ର, କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ବା ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ପରିଚାଳନା କଲେ ସେମାନେ ଫସଲ ସବସ୍ୟା ଦୂର କରିବା ସହ ନିଜର ଜ୍ଞାନ ପରିସର ମଧ୍ୟ ବଢ଼ାଇ ପାରିବେ।

ମୋ- ୯୫୮୩୨୮୫୪୯୯

କପା ଫସଲରେ ପୋକ ପରିଚାଳନାରେ ଉପକାରୀ କୀଟର ଭୂମିକା

ଦୀପାୟନ ପାଢ଼ୀ

କପା ଏକ ମୁଖ୍ୟ ଅର୍ଥକାରୀ ଫସଲ । ଏହାର ଆବଶ୍ୟକତା ଏବଂ ଉତ୍ପାଦନ କ୍ଷମତାକୁ ଆଖି ଆଗରେ ରଖି ଏହାକୁ 'ଧଳା ସୁନା' ମଧ୍ୟ କୁହାଯାଏ । କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଏହି ଫସଲର ବିଭିନ୍ନ ପ୍ରକାରର ଅପକାରୀ ପୋକର ପ୍ରାଦୁର୍ଭାବ ବଢ଼ି ଚାଲିଛି ଯଥା ବିଭିନ୍ନ ପ୍ରକାରର ଶୋଷକ ପୋକ, ପତ୍ରଖିଆ ପୋକ ଏବଂ ଫଳବିନ୍ଧା ପୋକ । ପ୍ରଥମେ ପ୍ରଥମେ ଏହି ପୋକମାନଙ୍କ ନିରାକରଣ ପାଇଁ ରାସାୟନିକ କୀଟନାଶକ ବ୍ୟବହାର କରିବା ଦ୍ୱାରା ପୋକର ପ୍ରାଦୁର୍ଭାବକୁ କମାଯାଇ ପାରୁଥିଲା । କିନ୍ତୁ ବର୍ତ୍ତମାନର ପରିସ୍ଥିତି ଅଲଗା । ବର୍ତ୍ତମାନ ପରିସ୍ଥିତିରେ ଏହି ଫସଲକୁ ଆକ୍ରମଣ କରୁଥିବା ପୋର ନିୟନ୍ତ୍ରଣ ନିମନ୍ତେ ସବୁଦାୟ ଫସଲରେ ବ୍ୟବହୃତ ରାସାୟନିକ କୀଟନାଶକର ଶତକଡ଼ା ୫୦ ଭାଗ କେବଳ କପା ଫସଲରେ ପ୍ରୟୋଗ କରାଯାଏ । ଏହା ଯୋଗୁଁ ପରିବେଶ ପ୍ରଦୂଷଣ ସହିତ ପୋକ ମାନଙ୍କର ସହନଶକ୍ତି ବଢ଼ି, ଏହା ନୂଆ ସମସ୍ୟା ସୃଷ୍ଟି କରେ । ଏଠାରେ ଏହା କୁହାଯାଇପାରେକି, ଆମେ ପୋକ ନିୟନ୍ତ୍ରଣ ପାଇଁ କେବଳ ରାସାୟନିକ ପଦ୍ଧତି ଉପରେ ନିର୍ଭର କରିପାରିବା ନାହିଁ ।

ଏହି କାରଣ ଯୋଗୁଁ ସମନ୍ୱିତ କୀଟ ପରିଚାଳନାର ସୃଷ୍ଟି । ଜୈବିକ ନିୟନ୍ତ୍ରଣ ପଦ୍ଧତି, ସମାନୟିତ କୀଟ ପରିଚାଳନା ବ୍ୟବସ୍ଥାର ଏକ ଅବଚ୍ଛେଦ୍ୟ ଅଙ୍ଗ । ଫସଲ ପରିବେଶରେ ଅପକାରୀ କୀଟ ସହିତ ଉପକାରୀ କୀଟ ପରାଶ୍ରୟୀର ଉପଯୁକ୍ତ ସଂରକ୍ଷଣ, ବଂଶବୃଦ୍ଧି ଏବଂ ଆବଶ୍ୟକ ଅନୁଯାୟୀ ପ୍ରୟୋଗ ଦ୍ୱାରା ଅନିଷ୍ଟକାରୀ କୀଟ ମାନଙ୍କର ଆଶାତୀତ ବୃଦ୍ଧିରେ ବାଧା ଉପୁଜେ । ଜୈବ ନିୟନ୍ତ୍ରଣ ଏକ ମିତବ୍ୟୟୀ, ଯୁକ୍ତିଯୁକ୍ତ ଓ ଦୀର୍ଘସ୍ଥାୟୀ କୀଟ ନିୟନ୍ତ୍ରଣ ପଦ୍ଧତି ହେଇଥିବାରୁ ଅତ୍ୟଧିକ କୀଟନାଶକ ପ୍ରୟୋଗର ଆବଶ୍ୟକତା ପଡ଼ି ନଥାଏ ।

ଏହି ବିଷୟବସ୍ତୁରେ କପା ଫସଲରେ ଦେଖାଯାଉଥିବା କେତେକ ମୁଖ୍ୟ ପରଭୋଜୀ କୀଟ ଏବଂ ପରାଶ୍ରୟୀ କୀଟ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି ।

ପରଭୋଜୀ କୀଟ :

ଇନ୍ଦ୍ରଗୋପୀ ଭୃଙ୍ଗ (Lady bird beetle):

ଏହାର ଅନ୍ୟ ନାମ କାନ୍ଦୁଲ ଫାଳିଆ ପୋକା ପୂର୍ଣ୍ଣାଙ୍ଗ କୀଟଟି ଦେଖିବାକୁ ଗୋଲାକାର, ଲାଲ, କମଳା ଓ ନାରଙ୍ଗି ରଙ୍ଗର ହୋଇଥାନ୍ତି । କିନ୍ତୁ ଭୃଙ୍ଗ ଗୁଡ଼ିକଲମ୍ବାଳିଆ ଏବଂ ପଛଭଗତି ତିନିକୋଣିଆ । ଏହି ପୋକଟି ଅଣ୍ଡାରୁ ପୂର୍ଣ୍ଣାଙ୍ଗ ଅବସ୍ଥାରେ ପରିଣତ ହେବା ପାଇଁ ପାଖାପାଖି ୨ ରୁ ୩ ସପ୍ତାହ ଆବଶ୍ୟକ କରିଥାଏ । ଏହି ପୋକ ଗୁଡ଼ା ଜଉପୋକ ମେଳନୀ ସ୍ଥାନରେ ଧାଡ଼ିରେ ୧୫୦ରୁ ୨୦୦ଟି ଅଣ୍ଡା ଦିଅନ୍ତି ।

ଏହାର ସୁକ ପୋକଟିକୁ ଠିକ୍ ଭାବରେ ନଚିହ୍ନି ପାରିବା ଦ୍ୱାରା ବେଳେବେଳେ ଏହାକୁ ଲୋକେ ଭୁଲରେ ପରଭୋଜୀ ଭାବିନିଅନ୍ତି । ଦିନବେଳେ ଏହି ଭୃଙ୍ଗ ସବୁ ବିଶେଷ ଭାବରେ ସକ୍ରିୟ ହୋଇଥାନ୍ତି । ଏହି କୀଟ ବିଶେଷ ଭାବରେ ଶୋଷକ ପୋକଙ୍କୁ ଖାଏ । ଯଥା- ଜଉପୋକ, ପତ୍ରଡିଆଁ ପୋକ, ଧଳା ମାଛିର ଅର୍ଭକ, ପାତ୍ର ଉକୁଣି ଇତ୍ୟାଦି। ସୁକ ଅବସ୍ଥାରେ ଏମାନେ ଅଧିକ ପୋକ ଖାଇନିଅନ୍ତି (ହାରାହାରି ୪୫ଟି ପୋକ/ଦିନ)

ବୁଢ଼ିଆଣୀ :

କପା ଫସଲରେ ସାଧାରଣତ ଦୁଇ ପ୍ରକାରର ପରଭୋଜୀ ବୁଢ଼ିଆଣୀ ଦେଖାଯାନ୍ତି । କିଛି ଅପକାରୀ କୀଟକୁ ସିଧାସଳଖ ଖାଇନିଅନ୍ତି, ତ କିଛିଜାଲ ତିଆରି କରି ଜାଲରେ ପଡ଼ିବା କୀଟମାନଙ୍କୁ ଖାଇ ନିଅନ୍ତି । କପା ଫସଲରେ ବିଭିନ୍ନ ପ୍ରକାରର ବୁଢ଼ିଆଣୀ ଯଥା- ଲମ୍ବା ଦାନ୍ତିଆ ବୁଢ଼ିଆଣୀ, ବାଘୁଆ ବୁଢ଼ିଆଣୀ, ପତ୍ରଡ଼ିଆଁ ବୁଢ଼ିଆଣୀ ଇତ୍ୟାଦି ଦେଖାଯାନ୍ତି । ଏମାନେ ଶୋଷକ ପୋକର ଅର୍ଭକ ତଥା ପତ୍ରଖିଆ ଏବଂ ଫଳବିନ୍ଧା ପୋକମାନଙ୍କର ଶୁକକୁ ଭକ୍ଷଣ କରନ୍ତି ।

ସିରଫିଡ଼ ମାଛି :

ବଡ଼ ବା ପୂର୍ଣ୍ଣାଙ୍ଗ ମାଛି ଫୁଲର ମଧୁ ବା ପରାଗରେଣୁ ଖାଇ ବଂଚିଥାଏ । ମାଈ ପୂର୍ଣ୍ଣାଙ୍ଗ ମାଛି ଜଉପୋକ ଦଳରେ ଅଣ୍ଡା ଦେଇଥାଏ। ଅଣ୍ଡାରୁ ଶୁକ (ଗୋଡ଼ ବିହିନ ଏବଂ ମୁଣ୍ଡ ସରୁ ଓ ପଛ ଭାଗଟି ଓସାରିଆ) ହେବା ପାଇଁ ଏହା ୩ ରୁ ୪ ଦିନ ନେଇଥାଏ । ପୂର୍ଣ୍ଣାଙ୍ଗ ମାଛିର ପେଟ ପାଖରେ ହଳଦିଆ ଏବଂ କଳା ରଙ୍ଗର ଦାଗ ଥାଏ । ସାଧାରଣତ ମାଛି ଶୂକଟି ଯଉପୋକର ଅର୍ଭକର ରସ ଶୋଷି କେବଳ ଖୋଳପାକୁ ଛାଡ଼ି ଦିଅନ୍ତି । ଏହାର ଶୂକ ପୋକଟି ଦିନକୁ ହାରାହାରି ୫୭ଟି ଜଉପୋକ ଖାଇଥାଏ ।

କ୍ରାଇସୋପେର୍ଲା :

ଏହାକୁ ଜଉପୋକର ଖାଦନ ବୋଲି ମଧ୍ୟ କୁହାଯାଏ। ପୂର୍ଣ୍ଣାଙ୍ଗ ମାଈ ପୋକଟି ରେଶମ ସୂତାରେ ଗୋଟି ଗୋଟି କରି ଅଣ୍ଡା ଦିଏ । ମୁଖ୍ୟତଃ ଶୁକ ଗୁଡ଼ିକ ଜଉପୋକ ଅର୍ଭକ ଖାଇଥାନ୍ତି । ଶୁକ କୀଟର ଦା ଆକାରର ଦୁଇଟି ଦାନ୍ତ ଥାଏ । ଯାହାଦ୍ୱାରା ଏମାନେ କୀଟ ଶରୀରରୁ ରସ ଶୋଷଣ କରିନିଅନ୍ତି । ଜଉପୋକ ବ୍ୟତୀତ ଏମାନେ ଅନ୍ୟ ନରମ ଶରୀର ବିଶିଷ୍ଟ କ୍ଷୁଦ୍ର କୀଟମାନଙ୍କର ନିୟନ୍ତ୍ରଣରେ ସହାୟକ ହୋଇଥାନ୍ତି ଏହା ଦିନକୁ ହାରାହାରି ୪୬ ଜଉପୋକ ଖାଇଥାଏ ।

ଶିକାରୀ ଝିଣ୍ଟିକା :

ଏହା ଏକ ସର୍ବକୀଟଭୋଜୀ ପୋକ । ଏହା ସବୁ ପ୍ରକାର ଫସଲରେ ଦେଖାଯାଏ । ଏହାର ଆଗ ଗୋଡ଼ ଦୁଇଟି ଟାଣ, କଣ୍ଟା କଣ୍ଟା ଓ ଶିକାର ଧରିବାରେ ସହାୟକ ହୋଇଥାଏ । ଏହାର ମୁଣ୍ଡଟି ଚାରି ଦିଗକୁ ଘୂରିପାରେ । ଏହାର ମାଈ ପୋକଟି ଏକ ଟାଣ ଆବରଣ ମଧ୍ୟରେ ଅଣ୍ଡା

ମୋ ଓଡ଼ିଶା

ଆଜିର ଯୁବପୀଢ଼ି ଓ ବରିଷ୍ଠ ନାଗରିକ

ଭୁବନେଶ୍ୱର(ପିଏନ୍): ଭାରତବର୍ଷର ସ୍ୱପ୍ନ, ସମ୍ଭାବନା ଓ ଭବିଷ୍ୟତ ଦେଶର ଯୁବପିଢ଼ୀଙ୍କ ଉପରେ ନ୍ୟସ୍ତ। ତେବେ ନିକଟ ଭବିଷ୍ୟତରେ ଯୁବ ଶକ୍ତି ଆମ ଦେଶର ସବୁଠାରୁ ବଡ଼ ଶକ୍ତି, ସମ୍ବଳ ଓ ସଂପଦ ହେବାକୁ ଯାଉଛି। ଏ କଥା ବିଭିନ୍ନ ସର୍ବେକ୍ଷଣ ତଥା ପରିସଂଖ୍ୟାନରୁ ସ୍ପଷ୍ଟ ହୋଇଛି। ଏବେ ଆମ ଦେଶରେ ୫୦ ପ୍ରତିଶତଙ୍କ ବୟସ ୨୫ ବର୍ଷ ତଳେ। ଦଶରୁ ଚବିଶ ବର୍ଷ ବୟସ ଗୋଷ୍ଠୀରେ ଏବେ ଅଛନ୍ତି ୩୬୫ ନିୟୁତ ଭାରତୀୟ ଯୁବକ ଯୁବତୀ। ଭାରତୀୟ ଜନ ସଂଖ୍ୟାର ୬୫ ପ୍ରତିଶତଙ୍କ ବୟସ ୩୫ ବର୍ଷ ତଳେ। ଏକ ଆକଳନରୁ ଜଣାପଡ଼ିଛି ଯେ ୨୦୨୦ ମସିହା ଶେଷବେଳକୁ ଭାରତର ଯୁବକଯୁବତୀଙ୍କ ସଂଖ୍ୟା ପୃଥିବୀର ଯେକୌଣସି ଦେଶ ତୁଳନାରେ ସର୍ବାଧିକ ଥିଲା ଏବଂ ସେଇ ସମୟରେ ଭାରତୀୟମାନଙ୍କ ହାରାହାରି ବୟସ ହୋଇଥିଲା ୨୯। ଏହା ନିଶ୍ଚିତ ଭାବେ ଆଶା ଉଦ୍ରେକକାରୀ। କାରଣ ଯଦି ମାନବ ସମ୍ବଳର ଏକ ବୃହତ୍ ଭାଗ ଯୁବଗୋଷ୍ଠୀ ହେବେ, ତେବେ ସେ ଦେଶର ପ୍ରଗତିର ସେ ଦେଶର ପ୍ରଗତିର ବେଗ ଦ୍ରୁତ ହେବା ଅନିବାର୍ଯ୍ୟ। କିନ୍ତୁ ଏ ପରିପ୍ରେକ୍ଷୀରେ ଆଉ ଏକ ପରିସଂଖ୍ୟାନ ଏହା ବି ଜଣେଇ ଦେଉଛି ଯେ ଭବିଷ୍ୟତର ଯୁବ ଉନ୍ମାଦନା ପରିଚାଳିତ ଭାରତରେ ଏକ ଅଦୃଶ୍ୟ କ୍ଷତ ଭାରତୀୟ ସମାଜକୁ ଯନ୍ତ୍ରଣା ଜର୍ଜରିତ କରୁଥିବ, କିନ୍ତୁ ଅଦୃଶ୍ୟ ହୋଇଥିବା ହେତୁ ତାହା ବାହାରକୁ ଜଣାପଡୁ ନଥିବ। ସେ କ୍ଷତଟି ହେଲା ବରିଷ୍ଠ ନାଗରିକଙ୍କ ସଂଖ୍ୟା ବୃଦ୍ଧି ସହିତ ସେମାନଙ୍କ ଦୟନୀୟସ୍ଥିତି। ବିଭିନ୍ନ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ୬୦ ବର୍ଷ ବୟସରୁ ଅଧିକ ବୟସ ବର୍ଗର ଭାରତୀୟଙ୍କ ସଂଖ୍ୟା ଏବେ ୧୦୪ ନିୟୁତ। କିନ୍ତୁ ଉଦ୍‌ବେଗର କଥା ହେଲା ୨୦୦୬ରୁ ୨୦୫୦ ଭିତର ଅବଧିରେ ଭାରତୀୟ ଜନସଂଖ୍ୟାରେ ୪୦ ପ୍ରତିଶତ ବୃଦ୍ଧି ଦେଖାଦେବାର ସମ୍ଭାବନା ଥିବାବେଳେ ୬୦ବର୍ଷ ବୟସରୁ ଅଧିକ ବୟସ ବର୍ଗର ଲୋକମାନଙ୍କ ସଂଖ୍ୟାରେ କଳ୍ପନାତୀତ ଭାବେ ୨୭୦ ପ୍ରତିଶତ ବୃଦ୍ଧି ଘଟିଥିବ। ଜାତିସଂଘର ଜନସଂଖ୍ୟା ଡିଭିଜନ ସୂତ୍ରରୁ ପ୍ରକାଶ ଯେ ୨୦୫୦ ବେଳକୁ ଭାରତରେ ୮୦ ବର୍ଷରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ହୋଇଥିବ ୪୮ ନିୟୁତ ଏବଂ ୬୦ବର୍ଷ ବୟସରୁ ଅଧିକ ବୟସ ବର୍ଗର ଲୋକଙ୍କ ସଂଖ୍ୟା ହୋଇଥିବ ୩୨୪ ନିୟୁତ। ଏଇ ବୟସ ବର୍ଗର ଲୋକଙ୍କ ଭିତରୁ ଅସଂଖ୍ୟ ବେଶ୍ ସମର୍ଥ ହୋଇଥିବା ସତ୍ତ୍ୱେ କାର୍ଯ୍ୟରୁ ଅବସର ନେବାକୁ ବାଧ୍ୟ ହୋଇଥିବେ ଏବଂ ନିଜ ନିଜ ଘର ଭିତରକୁ ଅପସରି ଯାଇଥିବେ। ବିଭିନ୍ନ କାର୍ଯ୍ୟ କରିବାକୁ ଯୋଗ୍ୟ ହୋଇଥିବା ସତ୍ତ୍ୱେ ସେମାନେ ସୀମାନ୍ତରିତ ହୋଇଯାଇ ଥିବେ। ଜଣାଯାଇଛି ଯେ ଏବେ ଅବସର ନେଉଥିବା ଲୋକଙ୍କ ଭିତରେ ୯୨ ପ୍ରତିଶତ ପେନ୍‌ସନ ପାଆନ୍ତି ନାହିଁ ଏବଂ ୯୦ ପ୍ରତିଶତ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ଭିତରେ ଅନ୍ତର୍ଭୁକ୍ତ ନୁହନ୍ତି। ପୃଥିବୀଟା ଯୁବକମାନଙ୍କର ବୋଲି କୁହାଯାଏ। କାରଣ ଯୁବକମାନେ ହିଁ ଏ ଜଗତର ନାନା କାରବାର ଚଳାନ୍ତି। କିନ୍ତୁ କ୍ରମେ ଯେଉଁ ବିଡ଼ମ୍ବିତ ସମୟଟି ଆସିବାକୁ ଯାଉଛି ସେଥିରେ ଦେଖାଯିବ ଯେ ବରିଷ୍ଠ ନାଗରିକମାନେ ଶିକ୍ଷାଦୀକ୍ଷାର ପ୍ରଭାବରୁ, ଖାଦ୍ୟପେୟ ତଥା ଉନ୍ନତ ଚିକିତ୍ସା ସେବାର ପ୍ରସାଦରୁ ଅଧିକ ସକ୍ରିୟ ତଥା ଯୁବକସୁଲଭ ହୋଇପାରିଥିଲେ ମଧ୍ୟ ସେମାନେ ନିଃସଙ୍ଗ ଏବଂ କର୍ମହୀନ ଜୀବନ ଜିଇବାକୁ ବାଧ୍ୟ ହେବେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆମ ସମୟର ବରିଷ୍ଠ ନାଗରିକଙ୍କ ଉନ୍ନତିକଳ୍ପେ ଅନେକ ଯୋଜନା ଓ ପ୍ରକଳ୍ପ ହାତକୁ ନେଇଛନ୍ତି। ବିଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବରିଷ୍ଠ ନାଗରିକଙ୍କ ଧନଜୀବନ ଓ ସ୍ୱାସ୍ଥ୍ୟ ସୁରକ୍ଷାକୁ ଲକ୍ଷ୍ୟ କରି ସ୍ୱତନ୍ତ୍ର ଭାବେ କିଛି କେନ୍ଦ୍ରୀୟ ଯୋଜନା ହାତକୁ ନେଇଛନ୍ତି ଯାହାକି ପରିଣତ ବୟସରେ ପହଞ୍ଚିଥିବା ଜଣେ ଲୋକଟି ପାଇଁ ଆଶା ସଞ୍ଜିବନୀ ସଦୃଶ। ଓଡ଼ିଶା ସରକାର ଆଉ ପାଦେ ଆଗକୁ ଯାଇ ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସମସ୍ତ ସହାୟତା ନିମିତ୍ତ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ବିଶେଷକରି କଟକ-ଭୁବନେଶ୍ୱର ଦ୍ୱୈତ ନଗରୀରରେ ଏକାକୀ ରହୁଥିବା ବରିଷ୍ଠ ନାଗରିକମାନେ କିପରି ନିରାପଦରେ ଜୀବନ ନିର୍ବାହ କରିବେ ଓ ତାଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଗଲେ ଓଡ଼ିଶା ପୋଲିସର ନିୟୋଜିତ କିଛି ସ୍ୱତନ୍ତ୍ରକର୍ମୀ ମାନେ ସେମାନଙ୍କ ଦାୟିତ୍ୱ ସୁରକ୍ଷା ନେବା ପାଇଁ ଗୃହବିଭାଗ ଏ ନେଇ କାର୍ଯ୍ୟ ଆରମ୍ଭ କରିସାରିଲାଣି। କେବଳ ସେତିକି ନୁହେଁ ବ୍ୟାଙ୍କରୁ ଟଙ୍କା ଉଠାଇବା ହେଉ ବା ନିଜ ଦେହପା ଜନିତ ସମସ୍ୟା ଡାକ୍ତରଙ୍କୁ ଦେଖାଇବା ଏସବୁ କାମ ପାଇଁ ନିକଟଅତୀତରେ ଓଡ଼ିଶା ସରକାରଙ୍କର 'ପୋଲିସ ପୁଅ' ଶୀର୍ଷକ କାର୍ଯ୍ୟକ୍ରମ ହାତକୁ ନେଇ ସମାଜର ଏହି ବର୍ଷୀୟାନ ନାଗରିକଙ୍କ ସେବା ପାଇଁ ସମର୍ପିତ ହୋଇପାରିଛି। ସମାଜରେ ଯୁବପିଢ଼ୀମାନେ ପରିଣତ ବୟସରେ ପହଞ୍ଚିଥିବା ଏହି ଅଭିଜ୍ଞସମ୍ପନ୍ନ ଓ ଗରିମାମୟ ବ୍ୟକ୍ତିତ୍ୱଙ୍କର ଅନୁଭୂତିକୁ ନିଜ ଜୀବନରେ କାର୍ଯ୍ୟକାରୀ କରିପାରିଲେ ଏକ ସାମାଜିକ ଆନ୍ଦୋଳନ ସୃଷ୍ଟି ହୋଇପାରିବ।

ଟ୍ୟାଙ୍କର ସହ ଜଳିଗଲା ପୋଡ଼ା ମୋବିଲ୍ କାରଖାନା

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ହରିଦାସପୁର ପଂଚାୟତ ବାଟିଜଙ୍ଗା ଗାଁ ନିକଟରେ ଥିବା ଏକ ପୋଡ଼ା ମୋବିଲ୍ କାରଖାନା ଗତକାଲି ଅପରାହ୍ନରେ ଜଳିଯାଇଛି । ଏଥିସହ କାରଖାନାରେ ପରିସରରେ ଥିବା ଏକ ମୋବିଲ୍ ଟ୍ୟାଙ୍କରରେ ବି ନିଆଁ ଲାଗି ଯାଇଥିଲା । ୩ଟି ଅଗ୍ନିଶମ କେନ୍ଦ୍ରର ୫ଟି ଦମକଳ ଗାଡ଼ି ପହଁଚି ନିଆଁକୁ ଆୟତ କରିଥିଲେ । ଅଗ୍ନିକାଣ୍ଡରେ ମୋବିଲ୍ କାରଖାନା ପୋଡ଼ି ଛାରଖାର ହୋଇଯାଇଛି । ନିଆଁରେ ପୋଡ଼ି କାରଖାନାର ପ୍ରାୟ ୩ଜଣ କର୍ମଚାରୀ ଆହତ ହୋଇଥିବା ଖବର ମିଳିଛି । ଘଟଣାରୁ ପ୍ରକାଶ ଯେ, ବାଟିଜଙ୍ଗା ମୌଜାରେ ଥିବା ଗଜାନନ ପେଟ୍ରୋକେମିକାଲ୍ ଇଣ୍ଡଷ୍ଟ୍ରିରେ ଅପରାହ୍ନ ସାଢ଼େ ୪ଟାରେ ଏକ ଟ୍ୟାଙ୍କରରୁ ମୋବିଲ୍ ଖଲାସ ହେଉଥିଲା । ତେବେ ଟ୍ୟାଙ୍କରରେ ବିଦ୍ୟୁତ୍ ସର୍ଟ୍‌ସର୍କିଟ୍ ହୋଇ ହଠାତ୍ ନିଆଁ ଲାଗି ଯାଇଥିବା ଚଣ୍ଡିଖୋଲ ଅଗ୍ନିଶମ ଅଧିକାରୀ ରମାକାନ୍ତ ମଲ୍ଲିକ ସୂଚନା ଦେଇଛନ୍ତି । ପରେ ନିଆଁ ଚାରିଆଡ଼େ ବ୍ୟାପି ଯାଇଥିଲା । କାରଖାନା ପରିସରରେ ଥିବା ପୋଡ଼ା ମୋବିଲ୍, ମୋବିଲ୍ ଡ୍ରମ୍, ପୁରୁଣା ଟାୟାର ଆଦି ସାମଗ୍ରୀରେ ନିଆଁ ଲାଗି ଯାଇଥିଲା । ଫଳରେ ନିଆଁ ଧୂଆଁ ଚାରିଆଡ଼େ ବ୍ୟାପି ଯାଇଥିଲା । ଖବର ପାଇ ଚଣ୍ଡିଖୋଲରୁ ୨, ଧର୍ମଶାଳାର ୨ ଓ ରସୁଲପୁରର ଗୋଟିଏ ଦଳକଳ ଗାଡ଼ି ପହଁଚି ନିଆଁକୁ ଆୟତ କରିଥିଲେ । ଅଗ୍ନିକାଣ୍ଡରେ ବିପୁଳ ପରିମାଣର ପୋଡ଼ା ମୋବିଲ୍ ସହିତ ବିଭିନ୍ନ ସାମଗ୍ରୀ, ଯନ୍ତ୍ରାଂଶ, ଆସବାବପତ୍ର ଜଳିଯାଇଛି । ନିଆଁର ଭୟାବହତା ଏତେ ଥିଲା ଯେ, ଏହାକୁ ଆୟତ କରିବାକୁ ୫ଟି ଦମକଳ ଗାଡ଼ି ଓ ୨୫ରୁ ଅଧିକ କର୍ମଚାରୀଙ୍କୁ ପାଖାପାଖି ୩ ଘଣ୍ଟା ଲାଗିଯାଇଥିଲା । ଏହି ଅଗ୍ନିକାଣ୍ଡରେ ପ୍ରାୟ କୋଟିଏ ଟଙ୍କା ସାମଗ୍ରୀ ଜଳିଯାଇଥିବା ଆକଳନ କରାଯାଇଛି । ଉଲ୍ଲେଖ ଯୋଗ୍ୟ, ଏଠାରେ ପୋଡ଼ା ମୋବିଲ୍ ସଂଗ୍ରହ କରାଯିବା ସହିତ ଏହାକୁ ପ୍ରସେସିଂ କରାଯାଇ ରିପ୍ୟାକିଂ କରାଯାଇ ବିକ୍ରି କରାଯାଏ । ଉକ୍ତ କାରଖାନା ଚଳାଇବା ପାଇଁ ଆବଶ୍ୟକ ଅନୁମତି ଅଛି ନା ଏହା ବେଆଇନ ତାହା ସ୍ପଷ୍ଟ ହୋଇନାହିଁ ।

ବାଲି ଟ୍ରାକ୍ଟର ଜବତ, ଡ୍ରାଇଭର ଗିରଫ

ଧର୍ମଶାଳା (ପିଏନ୍): ବେଆଇନ ଭାବେ ବାଲି ପରିବହନ କରୁଥିବା ଏକ ଟ୍ରାକ୍ଟର ଗାଡିକୁ ଜେନାପୁର ପୁଲିସ ଗତକାଲି ଜବତ କରିବା ସହିତ ଡ୍ରାଇଭରକୁ ଗିରଫ କରିଛି । ଓଡି-୩୪-ଏଲ-୪୦୧୮ ନଂ ଟ୍ରକ୍ଟର ବାଲି ବୋଝେଇ କରି ଗଡମଧୁପୁର ଅଭିମୁଖେ ଯାଉଥିବା ବେଳେ ପୁଲିସ ଗାଡିକୁ ଅଟକାଇ କାଗଜପତ୍ର ଯାଂଚ କରିଥିଲେ । ତେବେ ଟ୍ରକ୍ଟର ଡ୍ରାଇଭର କାଗଜପତ୍ର ନଦେଖେଇ ପାରିବାରୁ ପୁଲିସ ଟ୍ରାକ୍ଟରକୁ ଜବତ କରିବା ସହ କୃଷ୍ଣପଶି ଗ୍ରାମର ଟ୍ରକ୍ଟର ଡ୍ରାଇଭର ପଂଚାନନ ମଲିକକୁ ଗିରଫ କରିଥିଲେ । ଏନେଇ ପୁଲିସ ୩୮୧/୨୨ରେ ଏକ ମାମଲା ରୁଜୁ କରି ଡ୍ରାଇଭରକୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

ରକ୍ତହୀନତା ରୋଗର ଭୟାବହତା

ଭୁବନେଶ୍ୱର (ଓଏନ୍‌ଏସ୍): ଓଡ଼ିଶାର ସବୁଠୁ ଅନଗ୍ରସର ଓ ଗରିବ ଜିଲ୍ଲା ଭାବେ ନବରଙ୍ଗପୁରର ଯେଉଁ କଳଙ୍କ ରହିଛି, ସେହି କଳଙ୍କର କାଳିମା ଦିନକୁ ଦିନ ଗାଢ ହେବାରେ ଲାଗିଛି ସିନା କମିବାକୁ ନାଁ ଧରୁନି। ଏହାଛଡ଼ା ଏହି ଜିଲ୍ଲାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ପୁଷ୍ଟିହୀନତା, ରକ୍ତ ଶିକୁଳି ରୋଗ ଓ ମ୍ୟାଲେରିଆର ବ୍ୟାପକତା ଯୋଗୁ ରକ୍ତହୀନତାଜନିତ ମୃତ୍ୟୁ ସଂଖ୍ୟା କ୍ରମେ ବଢୁଛି। ବିଶେଷତଃ ପ୍ରସବ ବେଳେ ଏହି ସମସ୍ୟା ଅତି ଜଟିଳ ଅବସ୍ଥା ସୃଷ୍ଟି କରୁଛି। ଏହି ଜିଲ୍ଲାରେ ଅଧିକାଂଶ ମାତୃ ମୃତ୍ୟୁ ଅନ୍ତରାଳରେ ରକ୍ତହୀନତା ହିଁ ଏକମାତ୍ର କାରଣ ବୋଲି ବରିଷ୍ଠ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଉଛନ୍ତି। ଚିକିତ୍ସା ବିଜ୍ଞାନର ନିୟମ ଅନୁସାରେ ରକ୍ତରେ ହେମୋଗ୍ଲୋବିନ୍‌ର ପରିମାଣ ଶତକଡ଼ା ୧୧ରୁ କମ୍ ରହିଲେ, ରୋଗୀଟି ରକ୍ତହୀନତାର ଶିକାର ବୋଲି ଚିକିତ୍ସା ବିଜ୍ଞାନ କହିଥାଏ। ବାସ୍ତବପକ୍ଷେ ଏହି ଜିଲ୍ଲାରେ ୯୫ ଶତକଡ଼ା ଲୋକଙ୍କର ହେମୋଗ୍ଲୋବିନ୍‌ର ପରିମାଣ ୧୧% ରୁ ବହୁ ତଳେ ରହଉଛି। ଅନେକ ଗର୍ଭବତୀ ମା'ପ୍ରସବ ପାଇଁ ଆସିବାବେଳେ ସେମାନଙ୍କର ହେମୋଗ୍ଲୋବିନ୍‌ର ପରିମାଣ ୪ରୁ ୭ ଶତକଡ଼ା ମଧ୍ୟରେ ରହୁଛି। ପ୍ରସବ ପରେ କିଛି ମାତ୍ରାରେ ରକ୍ତ କ୍ଷୟ ହେଲେ ରୋଗୀର ଅବସ୍ଥା ସଙ୍କଟାପନ୍ନ ହୋଇଯାଏ ଓ ବେଳେବେଳେ ମୃତ୍ୟୁମୁଖରେ ପଡ଼େ। ସାରା ଜିଲ୍ଲା ପାଇଁ ଏକମାତ୍ର ରକ୍ତ ଭଣ୍ଡାରଟି ନବରଙ୍ଗପୁର ସ୍ଥିତ ଜିଲ୍ଲା ସଦରମହକୁମା ଚିକିତ୍ସାଳୟ ଠାରେ ରହିଛି। ସେଠାରୁ ଜିଲ୍ଲାର ସୀମାନ୍ତ ହାଟଭରଣ୍ଡି ଓ ଚନ୍ଦାହାଣ୍ଡିର ଦୂରତା ୧୨୦ କି.ମି.ରୁ ଅଧିକ। ଜିଲ୍ଲାର ଅନ୍ୟ ଏକ ଅଗ୍ରଣୀ ଚିକିତ୍ସାଳୟ ଉମରକୋଟ ଠାରୁ ଏହା ୬୫କି.ମି. ଦୂରବର୍ତ୍ତୀ। ରକ୍ତ ଦରକାର ପଡୁଥିବା ଆଦିବାସୀ ରୋଗୀଙ୍କୁ ରାତି ଅଧରେ ରକ୍ତ ଆଣିବା ଚିଠାଟି ଧରାଇ ସ୍ୱାସ୍ଥ୍ୟ ବିଭାଗ ନିଜ ଦାୟିତ୍ୱ ସାରିଦେଉଛି। ଅଧ ରାତିରେ ରୋଗୀର ଆତ୍ମୀୟ କିଭଳି ଏତେ ଦୂର ଯାଇ ରକ୍ତ ଆଣିବ, ଏହି ପ୍ରଶ୍ନର ଉତ୍ତର କୋଟିକୋଟି ଟଙ୍କା ପାଣି ପରି ଉଡ଼ାଉଥିବା ରାଷ୍ଟ୍ରୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିସନ୍ ପାଖରେ ହୁଏତ ନାହିଁ। ୨୦୦୫ରେ ସ୍ୱାସ୍ଥ୍ୟ ମିସନ୍ ଏହି ଜିଲ୍ଲାରେ କାର୍ଯ୍ୟକାରୀ ହେବା ପରଠାରୁ ରକ୍ତହୀନତା ରୋଗ ବ୍ୟାପକ ଭାବେ ବଢିଚାଲିଛି। କୋଟିକୋଟି ଟଙ୍କା ବ୍ୟୟରେ ଚିକିତ୍ସାଳୟରେ ରଙ୍ଗ ଦେଇ, ଚଟାଣରେ ମାର୍ବଲ୍ ଟାଇଲ୍ ଲଗାଇ, ବିଭିନ୍ନ ହୋଡ଼ିଙ୍ଗ୍ ଟାଙ୍ଗି ଓ ଗଣମାଧ୍ୟମରେ ରଙ୍ଗୀନ୍ ବିଜ୍ଞାପନ ଦେଇ ଓ ବର୍ଷକୁ କେବଳ ଫୁଲ ସଜାଇବାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ରାଜ୍ୟରେ ସ୍ୱାସ୍ଥ୍ୟସେବାର ବିକାଶ ହେଉଥିବା ଦାବି କରୁଛି ସ୍ୱାସ୍ଥ୍ୟ ମିସନ୍। ସ୍ୱାସ୍ଥ୍ୟ ମିସନ୍‌ର ହର୍ତ୍ତାକର୍ତ୍ତା ସାଜିଥିବା ଅନଭିଜ୍ଞ, ଅଦକ୍ଷ ଓ ଅସ୍ଥାୟୀ କର୍ମଚାରୀଙ୍କ ହାତରେ ଛାଡ଼ି ଦିଆଯାଉଛି ରାଜ୍ୟର ସ୍ୱାସ୍ଥ୍ୟସେବା ଦାୟିତ୍ୱ। ଭୁବନେଶ୍ୱରରୁ ନିର୍ଦ୍ଦେଶ ନଆସିଲେ, ଏହି ଯୋଜନାର ଘାସ ବି ହଲିବ ନାହିଁ। ଗର୍ଭବତୀ ମା'ର ଦାୟିତ୍ୱ ଅନଭିଜ୍ଞ ଆଶା ଉପରେ ଛାଡ଼ିଦେଇ ସମସ୍ତେ ନିଶ୍ଚିତ ରହିଛନ୍ତି। ବାହାରୁ ଔଷଧ ନକିଣିବାକୁ ସମସ୍ତଙ୍କୁ ତାଗିଦ୍ କରାଯାଉଛି। ରକ୍ତହୀନତା ରୋଗର ପ୍ରତିଷେଧକ ପାଇଁ ଯେଉଁ ଫଲିଫର୍ ଟାବ୍‌ଲେଟ୍ ବଣ୍ଟାଯାଉଛି, ସେଗୁଡ଼ିକ ରୋଗୀଙ୍କ ଦ୍ୱାରା ଆଦୌ ଆଦୃତ ହେଉନାହିଁ। ପ୍ୟାକିଂ ତ୍ରୁଟି ଯୋଗୁ ଖୋଲିବା ପରେ ସେସବୁ ଭାଙ୍ଗି ଯାଉଛି। ଅନେକ ରୋଗୀ ତାହାକୁ ଖାଉନାହାଁନ୍ତି। ଖାଇଲେ ମଧ୍ୟ ସେମାନଙ୍କର ହେମୋଗ୍ଲୋବିନ୍ ପରିମାଣ ଏତେ କମ୍ ରହୁଛି ଯେ ପ୍ରସବ ପୂର୍ବରୁ ଅବସ୍ଥା ସ୍ୱାଭାବିକ୍ ହେବା ସମ୍ଭବ ହେଉନି। ବେଳେବେଳେ ସମୟସୀମା ପାର ହୋଇଥିବା ଔଷଧ ବଣ୍ଟାଯାଇ ଅବସ୍ଥାକୁ ଆହୁରି ଅସମ୍ଭାଳ କରାଯାଉଛି। ଯେକୌଣସି ଯୋଜନାର ସଫଳ ରୂପାୟନ ପାଇଁ ପ୍ରତି ସମସ୍ୟାକୁ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେବାକୁ ପଡ଼ିଥାଏ। ଗୁରୁତର ରକ୍ତହୀନତା ରୋଗୀ ଗୋଟିଏ ଗୋଟିଏ ସମସ୍ୟା। ତାଙ୍କୁ ବାଟକୁ ଆଣିବାକୁ ହେଲେ, ସ୍ୱତନ୍ତ୍ର ଭାବେ ସମାଧାନର ବାଟ ଖୋଜିବାକୁ ହେବ। ଭୁବନେଶ୍ୱରରୁ ଆସୁଥିବା ନିର୍ଦ୍ଦେଶନାମା ଏଠାରେ ଚଳିବ ନାହିଁ। ୩ମାସ ଫଲିଫର୍ ଖାଇଦେଲେ ଯେ ରକ୍ତହୀନତା ଦୂର ହୋଇଯିବ, ତାହା କହି ହେବ ନାହିଁ। ଏହାର ଭୟାବହତା ଦୂର ପାଇଁ ଏହି ଜିଲ୍ଲା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ହେବ। ଅନ୍ୟଥା ଏହି ରୋଗ କ୍ରମେ ଦାବାନଳ ଭଳି ବ୍ୟାପୀ ଆଉରି ଅଧିକ ଜୀବନ ହାନି ଘଟାଇବ। ଏହି ଜିଲ୍ଲାରେ ୫ରୁ ୧୦ ଶତକଡ଼ା ରୋଗୀ ରକ୍ତଶିକୁଳି ରୋଗରେ ଆକ୍ରାନ୍ତ ହେବା ଦେଖାଯାଏ। ଏମାନଙ୍କର ରକ୍ତ ବୃଦ୍ଧି ପାଇଁ ଆଇରନ୍ ବଟିକା ଆଦୌ ସହାୟକ ନୁହେଁ। ପ୍ରସବ ପୂର୍ବରୁ ବାରମ୍ବାର ରକ୍ତ ଦିଆଯାଇ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆଣିବାକୁ ପଡ଼ିବ। ଏହାର ବ୍ୟାପକତା ହିଁ ରକ୍ତ ହୀନତା ରୋଗର ଅନ୍ୟତମ କାରଣ। ଏହି ସମସ୍ୟା ସଂପର୍କରେ ସମସ୍ତେ ଅବଗତ ଥିଲେ ମଧ୍ୟ ଏଯାଏ କୌଣସି ବିହିତ ପଦକ୍ଷେପ ନିଆଯାଉନାହିଁ। ସ୍ୱାସ୍ଥ୍ୟ ମିସନ୍ ପୃଥିବୀରେ ପ୍ରାୟତଃ ସବୁଠୁ ଖର୍ଚ୍ଚ ବହୁଳ ଯୋଜନା। ଏହି ଯୋଜନାରେ ଟଙ୍କାର ଅଭାବ ନାହିଁ। ଅର୍ଥର ପ୍ରାଚୁର୍ଯ୍ୟ ସତ୍ତ୍ୱେ ଗୋଟିଏ ମା' ଯଦି କରିବ, ତା'ହେଲେ ଇତିହାସ କେବେ ଆମକୁ କ୍ଷମା ଦେବ ନାହିଁ। କେବଳ ତଥାକଥିତ ଇଟିଙ୍ଗ୍, ସିଟିଙ୍ଗ୍, ମିଟିଂ, କାନ୍‌ଭାସିଂ ଓ ହୁଡ଼ିଙ୍ଗ୍‌ରେ ପ୍ରଚୁର ଅର୍ଥ ବ୍ୟୟ କରାନଯାଇ ସମସ୍ୟାର ମୂଳରେ ପହଞ୍ଚି ସମାଧାନ କରାଗଲେ ହିଁ ଏହି ଯୋଜନାର ସଫଳ ରୂପାୟନ ହୋଇପାରିବ।

(ସୌଜନ୍ୟ: ଡାକ୍ତର ସୁରେନ୍ଦ୍ରନାଥ ଦାଶ)

ଦୈନିକ ସମ୍ବାଦପତ୍ର ଖବରର ସ୍ୱନକ୍ଷତ୍ର ଦିବସ

ଭୁବନେଶ୍ୱର (ପିଏନ୍)-ଭୁବନେଶ୍ୱରରୁ ପ୍ରକାଶ ପାଉଥିବା ଦୈନକ ସମ୍ବାଦପତ୍ର 'ଖବର'ର ୧୩ତମ ସ୍ୱନକ୍ଷତ୍ର ଦିବସ ପୁରୀ ଜିଲ୍ଲା କୋଣାର୍କସ୍ଥିତ ଚନ୍ଦ୍ରଭାଗା ବେଳାଭୂମି ମାର୍ଗଠାରେ ଫୋକସ ପ୍ଲସ ମିଡ଼ିଆ ହାଉସ ପକ୍ଷରୁ ପାଳିତ ହୋଇଯାଇଛି। ମିଡ଼ିଆ ହାଉସର ମୁଖ୍ୟ ସଂପାଦକ ସୁଧାଂଶୁଶେଖର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ କୋଣାର୍କ ଏନ୍‌ଏସିର ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ସୂର୍ଯ୍ୟମଣି ମିଶ୍ର, ହାସ୍ୟକବି ସମ୍ପଦ କୁମାର ରଥ, ଅବନିକାନ୍ତ ସାହୁ, ତରୁଣ ଦାସ ପ୍ରମୁଖ ଯୋଗଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଅଟଳ ପଣ୍ଡା, ଦେବାଶିଷ ମହାରଣା ସାମ୍ବାଦିକମାନଙ୍କୁ ସତ୍ୟ ଖବର ପ୍ରକାଶ କରିବା ସହ ରାଜ୍ୟର ବିଭିନ୍ନ ସମସ୍ୟାକୁ ସ୍ଥାନିତ କରିବା ପାଇଁ ନିଷ୍ପାପର ଭାବେ କାର୍ଯ୍ୟକରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସାମ୍ବାଦିକମାନଙ୍କୁ ଓ ନୂତନ ଭାବେ ଗଠିତ ଯାତ୍ରା ମୋହିନୀର କଳାକାରମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା।

ବଡ଼ଦିନ ପାଇଁ ସାନ୍ତାକ୍ଲସ୍ ବାଣ୍ଟିଲେ ବଡ଼ ଉପହାର

ଭୁବନେଶ୍ୱର (ପିଏନ୍): ବଡ଼ଦିନ ଆସିଲେ ସାନ୍ତାକ୍ଲସ୍‌ର ଉପହାର କଥା ମନେ ପଡ଼ିଯାଏ। କି କି ଉପହାର ଥାଏ ସେହି ମୁଣା ଭିତରେ ଚକୋଲେଟ, ଖେଳନା ନା ଆଉ କିଛି! ଏବେ କିନ୍ତୁ ବୌଦ୍ଧ ପୀଠ ଧଉଳିରେ ଦେଖିବାକୁ ମିଳିଥିଲା ସାନ୍ତାକ୍ଲସ୍‌ର ଏକ ନିଆରା ଉପହାର। ପ୍ରକୃତିର ସୁରକ୍ଷା ପାଇଁ ଯେପରି ସେ ଅଣ୍ଟାଭିଡ଼ି ବାହାରିଥିଲେ, ଆଉ ତାଙ୍କ ମୁଣାରୁ ବାହାରିଥିଲା ଏଇ ସ୍ୱତନ୍ତ୍ର ଉପହାର। ସେ ଧଉଳି ଆସିଥିବା ପର୍ଯ୍ୟଟକ ମାନଙ୍କୁ ସେଇ ଉପହାରଟି

ଓଷ୍ଟା ଆନୁକୂଲ୍ୟରେ ଜିଲାସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ

ନୂଆପଡ଼ା, (ପି.ଏନ): ଖଡ଼ିଆଳ ବ୍ଲକ୍ ଅନ୍ତର୍ଗତ ଜୟ କିଶାନ ଉଚ୍ଚ ବିଦ୍ୟାଳୟ ବରଗାଁ ଠାରେ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଓଷ୍ଟା ଆନୁକୂଲ୍ୟରେ ଜିଲାସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନରେ ଜିଲ୍ଲା ସଭାପତି ବନ ବିହାରୀ ମେହେରଙ୍କ ଦ୍ୱାରା ପତାକା ଉତୋଳନ ପରେ ଶିଶୁ ଉତ୍ସବ ଉଦ୍ଘାଟିତ ହୋଇଥିଲା । ପରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ତର୍କ, କଣ୍ଠସଙ୍ଗିତ, କବିତା ଆବୃତି, କବିତା ରଚନା, ଗଳ୍ପ ରଚନା, ଏକକ ଅଭିନୟ, ଏକକ ନୃତ୍ୟ, ସାଧାରଣ ଜ୍ଞାନ, ବୁଦ୍ଧି ପରୀକ୍ଷା, ଚିତ୍ରାଙ୍କନ ପ୍ରଭୃତି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାର ସମସ୍ତ ବ୍ଲକରୁ ଚୟନ ହୋଇ ଆସିଥିବା ପ୍ରାୟ ଶହେ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ତର୍କରେ ମୌସୁମୀ ବାଗ, କଣ୍ଠ ସଙ୍ଗୀତରେ ପ୍ରଭାମୟୀ ମାଝୀ, ଚିତ୍ରାଙ୍କନରେ ଝର ଶଙ୍କର ହଂସ, କବିତା ଆବୃତିରେ ରଞ୍ଜିତା ମାଝୀ, ଗଳ୍ପ ରଚନାରେ ନସରିନ ପରଭୀନ, କବିତା ରଚନା ରେ ରବି ରଂଜନ ବାଗ, ଏକକ ଅଭିନୟ ରେ ଚନ୍ଦ୍ରିକା ମଙ୍ଗରାଜ, ବୁଦ୍ଧି ପରୀକ୍ଷା ରେ ତ୍ରିବିକ୍ରମ ରଣା, ସାଧାରଣ ଜ୍ଞାନରେ ସୁୟସ ଯୋଷୀ ଓ ଏକକ ନୃତ୍ୟ ରେ ଝାନ୍ସୀରାଣୀ ଜଗତ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟ ସ୍ତରୀୟ ଶିଶୁ ଉତ୍ସବରେ ଯୋଗ ଦେବାକୁ ଯୋଗ୍ୟ ବିବେଚିତ ହୋଇ ପାରିଛନ୍ତି ।ଏହି ଉତ୍ସବ ଅବସରରେ ଅପରାହ୍ନରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଜିଲ୍ଲା ସଭାପତି ବନବିହାରୀ ମେହେର ସଭାପତିତ୍ୱ କରିଥିଲା ବେଳେ ମାନ୍ୟବର ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ମୁଖ୍ୟ ଅତିଥି ଭାବରେ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝୀ, ଜିଲ୍ଲା ପରିଷଦ ସଭ୍ୟ ଚିତ ରଂଜନ ବେହେରା, ଓଷ୍ଟା ଉପ ସଭାପତି ରବୀନ୍ଦ୍ର କୁମାର ମୁଣ୍ଡ, ଓଷ୍ଟା କାର୍ଯ୍ୟକାରିଣୀ ସଭ୍ୟ ପ୍ରଦୀପ କୁମାର ଯୋଷୀ, ପ୍ରଧାନ ଶିକ୍ଷକ ଲୋକେଶ୍ୱର ମେହେର ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ । ଓଷ୍ଟା ରାଜ୍ୟ ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରିଥିଲେ । ଜିଲ୍ଲା ସମ୍ପାଦକ ରବୀନ୍ଦ୍ର ନାଥ ଯୋଷୀ ସଂପାଦକୀୟ ବିବରଣୀ ପ୍ରଦାନ କରିଥିଲେ । ଡ଼ ସୁଶାନ୍ତ କୁମାର ବିଶି ମଂଚ ସଂଯୋଜନା କରିଥିବା ବେଳେ ଜୟଦେବ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।ଏଠାରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାରେ ଗୌରାଙ୍ଗ ସାହୁ, ପରମେଶ୍ୱର ବାରିକ, କୁନାଲ ଚରଣ ବେହେରା,ରାଧେଶ୍ୟାମ ବିଶି, ଅମୂଲ୍ୟ ମୁଣ୍ଡ, ପ୍ରଦୀପ ପତି, ହିମାଂଶୁ ପୋଡ, ଦେବାନନ୍ଦ ବେହେରା, ସୁରେଶ ମାଝୀ, ପ୍ରଦ୍ୟୁମ୍ନ ସରାଫ, ଆଦିତ୍ୟ ପାଣିଗ୍ରାହି, ଅଶୋକ କୁମାର ବାରିକ, ଚତୁର୍ଭୁଜ ସିଂ ଦେଓ, ଅନିରୁଦ୍ଧ ପଣ୍ଡା, ପରମେଶ୍ୱର କଠାର ପ୍ରମୁଖ ବିଚାରକ ଭାବରେ ଯୋଗ ଦେଇଥିଲେ । ବରିଷ୍ଠ ଶିକ୍ଷକ ଛବି ପୋଡ଼, ସିନାପାଲି ବ୍ଲକ ଓଷ୍ଟା ସଭାପତି ଅଶ୍ୱିନୀ କୁମାର ଯୋଷୀ, ଜିତେନ୍ଦ୍ର ପଣ୍ଡା, ଭରତ ବେହେରା, ଆଶିଷ ଯୋଷୀ, ସୁବାଷ ଚନ୍ଦ୍ର ସାହୁ, ପଣ୍ଡୁ ରାମ ପାଣ୍ଡେ, ସିମାଚଂଳ ଦାସ, ତପନ ବହିଦାର, ପ୍ରିୟ ମଞ୍ଜରୀ ବେହେରା, ସୀମାଶ୍ରୀ ମହାପାତ୍ର, ଦୀବ୍ୟା ମହାନନ୍ଦ, ଦମୟନ୍ତୀ ପଟେଲ, ରଣଜିତ୍ ଧରୁଆ, ଦେବେନ୍ଦ୍ର ମାଝୀ, ଶୁଭଶ୍ରୀ ଭିତ୍ରିଆ, ଗୀତାଞ୍ଜଳି ଶବର, ରୋନା ଏଲିଶା ଜାଲ, ଅନିଶା ପଣ୍ଡା, ଅଭିମନ୍ୟୁ ବରିହା, ଚମ୍ପେ ରାମ ବାରିକ, ହେରମ୍ବ ରାଜ ମାଝୀ ପ୍ରମୁଖ ଏହି କାର୍ଯ୍ୟକ୍ରମ ଆୟୋଜନ କରିବାରେ ସହଯୋଗ କରିଥିଲେ ।

ଉତ୍କଳ ବିଶ୍ୱବିଦ୍ୟାଳୟର ୫୨ତମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ : ଡଃ. ଗୋପାଳ ଚନ୍ଦ୍ର ନନ୍ଦ ପାଇଲେ ପରମ ଭୂଷଣ(ଡି.ଏସ୍‌ସି) ଉପାଧି

ଭୁବନେଶ୍ୱର,(ପି.ଏନ):ଭୁବନେଶ୍ୱରସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟର ୫୨ତମ ସମାବର୍ତ୍ତନ ଉତ୍ସବ ଆଜି ବିଶ୍ୱ ବିଦ୍ୟାଳୟର କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଅଧ୍ୟକ୍ଷତାରେ ନୂଆ ସମାବର୍ତ୍ତନ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ବିଶିଷ୍ଟ ଆୟୁର୍ବେଦିକ୍ ଡାକ୍ତର ଗୋପାଳ ଚନ୍ଦ୍ର ନନ୍ଦଙ୍କୁ ୨୦୨୧-୨୨ ଶିକ୍ଷାବର୍ଷ ପାଇଁ ପରମ ଭୂଷଣ(ଡି.ଏସ୍‌ସି) ଉପାଧି ପ୍ରଦାନ କରାଯାଇଛି । ଏଥିସହ ଏହି ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ତଥା ସାଂସଦ ଅଚ୍ୟୁତ ସାମନ୍ତ ଓ ଡିଆର୍‌ଡିଓର ଏରୋନେଟିକାଲ୍ ସିଷ୍ଟମ୍ସ(ଏଏସ୍)ର ମହାନିର୍ଦ୍ଦେଶକ ତଥା ବୈଜ୍ଞାନିକ ଟେସି ଥୋମାସ୍‌ଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯିବା ସହ ପୂର୍ବ ଶିକ୍ଷାବର୍ଷ ଲାଗି ୧୬୩ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ, ୯୯ଜଣଙ୍କୁ ସ୍ୱର୍ଣ୍ଣପଦକ ଓ ଜଣେ ଲେଖାଏଁ ଛାତ୍ରଛାତ୍ରୀଙ୍କୁ ଡି.ଏସ୍‌ସି ଓ ଡି.ଲିଟ୍ ଡିଗ୍ରୀ ଦିଆଯାଇଛି । ଏହି ଅବସରରେ ଚିକିତ୍ସା ବିଜ୍ଞାନ ବିଦ୍ୟା କ୍ଷେତ୍ରରେ ଆୟୁର୍ବେଦ ବିଷୟରେ ପରମ ଭୂଷଣ(ଡି.ଏସ୍‌ସି) ଉପାଧି ଲାଭ କରିଥିବା ବିଶିଷ୍ଟ ଆୟୁର୍ବେଦିକ୍ ଡାକ୍ତର ଗୋପାଳ ଚନ୍ଦ୍ର ନନ୍ଦ ନିଜର ଖୁସୀ ବ୍ୟକ୍ତ କରି କହିଲେ ଯେ, ଏଭଳି ଉପାଧି ଲାଭ କରିବାରେ ସେ ଓଡିଶାର ପ୍ରଥମ ସୌଭାଗ୍ୟଶାଳୀ ବ୍ୟକ୍ତି । ଆୟୁର୍ବେଦରେ ଏଭଳି ବହୁତ କିଛି ଗବେଷଣା ଅଛି, ଯାହାକି ସମସ୍ତେ କରିବା ଉଚିତ୍ । ଏହି ଉପାଧି ଗ୍ରହଣ କରି ସେ ଅତ୍ୟ' ଗର୍ବିତ ଓ ଆନନ୍ଦିତ । ଏହି ଉତ୍ସବରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ତଥା ଓଡିଶା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ଭି.ଗୋପାଳ ଗୌଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦୀକ୍ଷା' ଭାଷଣ ଦେଇଥିବା ବେଳେ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କୁଳପତି ପ୍ରଫେସର୍ ସବିତା ଆଚାର୍ଯ୍ୟ , କଲେଜ ଡେଭଲପ୍‌ମେଂଟ କାଉନସିଲ୍(ସିଡିସି)ନିର୍ଦ୍ଦେଶକ ପ୍ରଫେସର୍ ନିଗମାନନ୍ଦ ଦାଶ, କୁଳସଚିବ ଅଭୟ କୁମାର ନାୟକ,ଓ ଉପ କୁଳସଚିବ ମନୋଜ କୁମାର ସାଡୁଆଲ୍‌ଙ୍କ ସମେତ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ଏହି ପରିପ୍ରେକ୍ଷୀରେ ବିଶ୍ୱ ବିଦ୍ୟାଳୟର କୁଳପତି କହିଲେ ଯେ, ଏକ ବିଂଶ ଶତାବ୍ଦୀରେ ନିଜକୁ ବିଶ୍ୱର ଅନ୍ୟ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ଭଳି ଆତ୍ମନିର୍ଭରଶୀଳ ଓ ସମକକ୍ଷ କରିବା ପାଇଁ ଏହି ଅନୁଷ୍ଠାନ ସମାଜର ସବୁବର୍ଗରୁ ସହଯୋଗ, ସଦିଚ୍ଛା ଓ ସକରାତ୍ମକ ସ୍ୱାୟତତା ଓ ସ୍ୱାଧୀନତାର ଅପେକ୍ଷା ସବୁବେଳେ ରଖୁଛି ।

ଦୁର୍ଘଟଣାରେ ଗୁରୁତର ଆହତଙ୍କ ମୃତ୍ୟୁ , ଥାନାରେ ଏତଲା ଦେଲେ ମୃତକଙ୍କ ଭାଇ

କନ୍ଧମାଳ ,(ପି.ଏନ): ଗତ ବୁଧବାର ଦିନ ଘଟିଥିବା କାର ବାଇକ୍ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ବ୍ୟକ୍ତିଙ୍କ ଫୁଲବାଣୀ ମୁଖ୍ୟ ଚିକିତ୍ସା ଲୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ଗତକାଲି ଦିନ ୩ରୁ ୪ ଟା ସମୟରେ ଫିରିଙ୍ଗିଆ ପଞ୍ଚାୟତ ଫିରିଙ୍ଗିଆ ବାଲିଗୁଡ଼ା ରାସ୍ତାର ଶଶୀ ପଦର ଗାଁ ନିକଟରେ କାର ଓ ବାଇକ୍ ମଧ୍ୟରେ ମୁହାମୁହିଁ ଧକା ହୋଇଥିଲା । ଘଟଣା ସ୍ଥଳରେ ବାଇକ୍ ଆରୋହୀ ଗୋଡ଼ ହାତ ଭଙ୍ଗା ଅବସ୍ଥାରେ ଗୁରୁତର ଅବସ୍ଥାରେ ପଡ଼ି ରହିଥିଲେ । ଘଟଣାସ୍ଥଳରେ କିଛି ଲୋକ ଓ ଫିରିଙ୍ଗିଆ ପୋଲିସ ସହାୟତାରେ ଫିରିଙ୍ଗିଆ ମେଡିକାଲ୍ ଓ ପରେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ଗୁରୁତର ଅବସ୍ଥାରେ ସ୍ଥାନାନ୍ତର କରାଯାଇଥିଲା ଫୁଲବାଣୀ ମେଡିକାଲ୍ ରେ ଚିକିତ୍ସା ଧୀନ ଅବସ୍ଥାରେ ଗୁରୁତର ଆହତ ବନ୍ଧ ଗଡ଼ ଗ୍ରାମ ପଞ୍ଚାୟତ ର ଜାମୁ ପଖାଲ୍ ଗାଁ ର ଧନେଶ୍ୱର କହଁର (୩୫) ଙ୍କ ର ମୃତ୍ୟୁ ଘଟିଛି । ଅନ୍ୟ ପଟେ ଏଇ ଘଟଣାରେ ମୃତକଙ୍କ ପରିବାର ତରଫରୁ ମୃତକଙ୍କ ଭାଇ କୈଳାଶ କହଁର ଫିରିଙ୍ଗିଆ ଥାନା ରେ ଲିଖିତ ଅଭିଯୋଗ ପରେ ଫିରିଙ୍ଗିଆ ଥାନା ରେ ୧୯୪/୨୨ ରେ ଏକ ମାମଲା ରୁଜୁ କରିବା ସହ ଶବକୁ ପଞ୍ଚ ନାମା ପରେ ବ୍ୟବଚ୍ଛେଦ କରିବା ସହ ପରିବାରକୁ ହସ୍ତାନ୍ତର କରାଯାଇଛି । ପରିବାର ତରଫରୁ ନିଜ ଗାଁ ଶ୍ମଶାନରେ ଶବ ଦାହ କରାଯାଇଛି । ପରିବାରରେ ମୃତ ବ୍ୟକ୍ତିଙ୍କ ଛୋଟ ଛୋଟ ୩ ପୁଅ ଓ ସ୍ତ୍ରୀ ଥିବାବେଳେ ପରିବାରରେ ଜଣେ କେବଳ ରୋଜଗାରିଆ ପୁଅ ଥିବା ଜଣା ପଡିଛି । ଅନ୍ୟ ପଟେ ଏଇ ଘଟଣାରେ ଅଧିକ ତଦନ୍ତ ଚାଲୁ ରହିଥିବା ଫିରଙ୍ଗିଆ ଥାନା ଅଧିକାରୀ ତପନ ନାହାକ ସୂଚନା ଦେଇଛନ୍ତି ।

ବିଶ୍ୱ କପ୍ ହକି ଟ୍ରଫିର ଜିଲ୍ଲା ପରିକ୍ରମା - ଭବ୍ୟ ସ୍ୱାଗତ ପାଇଁ ପ୍ରଶାସନିକ ପ୍ରସ୍ତୁତି

ଭଦ୍ରକ, (ପି.ଏନ): ଆସନ୍ତା ଜାନୁୟାରୀ ୧୩ ରୁ ୨୯ ପର୍ଯ୍ୟନ୍ତ ଓଡ଼ିଶାରେ ଅନୁଷ୍ଠିତ ହେଉଥିବା ପୁରୁଷ ବିଶ୍ୱ କପ୍ ହକି ମ୍ୟାଚ୍ ନିମନ୍ତେ ଡ଼ିସେମ୍ବର ୨୫ ରୁ ବିଶ୍ୱ କପ୍ ହକି ଟ୍ରଫି ରାଜ୍ୟର ସମସ୍ତ ଜିଲ୍ଲା ପରିକ୍ରମା କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲା ତରଫରୁ ଭବ୍ୟ ସ୍ୱାଗତ ପାଇଁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସାଳନ୍ଦୀ ସଭାଗୃହରେ ଏକ ପ୍ରଶାସନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଦୁଇ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ ଏବଂ ଶାନ୍ତନୁ କୁମାର ମହାନ୍ତି, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରତିମୟ, ଉପଜିଲ୍ଲାପାଳ ମନୋଜ ପାତ୍ର, ଏ.ସି.ଡ଼ି.ଓ. କୁଶଳ ଚନ୍ଦ୍ର ନାୟକ, ଅତିରିକ୍ତ ଉପଜିଲ୍ଲାପାଳ ଲକ୍ଷ୍ମୀ ପ୍ରସାଦ ସାହୁ, ଡ଼ି.ଏସ୍.ପି. ଡ଼ି.ଆଇ.ବି. କମଳ ଲୋଚନ ଭୂୟାଁ ପ୍ରମୁଖ ଯୋଗ ଦେଇଥିଲେ । ସୂଚନାଯୋଗ୍ୟକି ବିଶ୍ୱକପ୍ ହକି ଟ୍ରଫି ର ଜିଲ୍ଲା ପରିକ୍ରମା କାର୍ଯ୍ୟସୂଚୀ ଅନୁଯାୟୀ ଜାନୁୟାରୀ ୯ ତାରିଖରେ ଭଦ୍ରକ ଜିଲ୍ଲାରେ ବୁଲିବା କାର୍ଯ୍ୟକ୍ରମ ରହିଛି । ବାଲେଶ୍ୱର ଜିଲ୍ଲା ପରିକ୍ରମା ପରେ ଭଦ୍ରକ ଜିଲ୍ଲା ସୀମାନ୍ତ ମଇତାପୁର ଠାରେ ୮ ତାରିଖ ରାତିରେ କପ୍‌କୁ ସ୍ୱାଗତ କରାଯାଇ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଠାରୁ ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ଗ୍ରହଣ କରାଯିବ । ସର୍କିଟ୍ ହାଉସ୍‌ରେ ରାତ୍ରିଯାପନ ପରେ ୯ ତାରିଖ ସକାଳେ ପ୍ରଥମେ ବାସୁଦେବପୁର ଯାଇ ପ୍ରତ୍ୟାବର୍ତ୍ତନ ପରେ ସକାଳେ ଘ୮.୩୦ସୁଦ୍ଧା ସ୍ୱାଗତ ଶୋଭାଯାତ୍ରାରେ ନେହେରୁ ଷ୍ଟାଡ଼ିୟମ୍‌କୁ ପାଛୋଟି ନିଆଯିବ ଏବଂ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ କିଛି ସମୟ ରହିବ । ଏହି ଅବଧି ମଧ୍ୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ କ୍ରୀଡ଼ାପ୍ରେମୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଜନ ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି, ସ୍କୁଲ କଲେଜ ବିଦ୍ୟାର୍ଥୀ, ସାଧାରଣ ଜନତାଙ୍କୁ ସାମିଲ କରାଯିବା ନେଇ ବୈଠକରେ ଆଲୋଚନା କାଯାଇଥିଲା । ଷ୍ଟାଡ଼ିୟମ୍‌ରେ ସ୍ୱାଗତ କାର୍ଯ୍ୟକ୍ରମ ପରେ ସମୟ ଅନୁଯାୟୀ ଭଦ୍ରକ ସହରର ପ୍ରମୁଖ ଅନୁଷ୍ଠାନମାନଙ୍କ ତରଫରୁ ସ୍ୱାଗତ କାର୍ଯ୍ୟକ୍ରମ ପାଇଁ ଟ୍ରଫିର ପରିକ୍ରମା କରାଯିବା ନେଇ ମଧ୍ୟ ଆଲୋଚନା କରାଯାଇଥିଲା । ଟ୍ରଫିର ଭଦ୍ରକ ଜିଲ୍ଲା ପରିକ୍ରମାର ଶେଷ କାର୍ଯ୍ୟକ୍ରମ ଅନୁଯାୟୀ ଭଣ୍ଡାରିପୋଖରୀରେ ଏକ ସ୍ୱାଗତ ଉତ୍ସବ କରାଯାଇ ଛତାବର ଠାରେ ମଧ୍ୟାହ୍ନ ୧୨ଘ. ୧୫ମି ସୁଦ୍ଧା ଯାଜପୁର ଜିଲ୍ଲା ପ୍ରଶାସନକୁ ହସ୍ତାନ୍ତର କରାଯିବ । ଜିଲ୍ଲା କ୍ରୀଡ଼ା ଅଧିକାରୀ ପଦ୍ମନ କୁମାର ରାୟଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ଭଣ୍ଡାରିପୋଖରୀ ବି.ଡ଼ି.ଓ ଦେବଦତ ଦାସ, ତହସିଲଦାର ସରୋଜ ନାୟକ , ଭଦ୍ରକ ବି.ଡ଼ି.ଓ. ସତୀକାନ୍ତ ରାଉତ ପ୍ରମୁଖଙ୍କ ସମେତ ସମ୍ପୃକ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

ମାଓବାଦୀ ଅଞ୍ଚଳରେ ବି ଏସ୍ ଏଫ୍ ଦ୍ୱାରା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ତଥା ଛତିଶଗଡ଼ ସୀମାନ୍ତ ସବୁଠାରୁ ସ୍ୱର୍ଗକାତର ତଥା ମାଓବାଦୀ ଇଲାକାରେ ୯୯ ବାଟାଲିୟନ ବିଏସ ଏଫ୍ କମାଣ୍ଡର ସଞ୍ଜୀବ କୁମାର ଙ୍କ ନେତୃତ୍ୱରେ କିଆଙ୍ଗ ନିକଟସ୍ଥ ସେରପାଲ୍ଲୀ ଅପହଞ୍ଚ ପର୍ବତ ମାଳାରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ସହିତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ବର୍ଷବର୍ଷ ଧରି ଚିକିତ୍ସା ସେବାରୁ ବଞ୍ଚିତ ହୋଇଥିବା ଲାଲ୍ ଗୁଡା,ଜିଗରାପାଲ୍ଲୀ ଓ ମେନ୍ଦା ପାଲ୍ଲୀ ଗ୍ରାମରେ ବସବାସ କରୁଥିବା ୧୪୮ ଜଣ ମହିଳା,୧୩୨ ଜଣ ପୁରୁଷ ଓ ୨୫ ଜଣ ଶିଶୁ ଙ୍କୁ ଡକ୍ଟର ଏସ୍‌ଏଚ ଅଙ୍କୁଶ ରାଓ୍ୱଲଙ୍କ ତତ୍ତ୍ୱାବଧାନରେ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିଲା ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆଇସିଏଚ୍‌ଆର ଦ୍ୱାରା ପ୍ରକାଶିତ "ଭାରତ : ଗଣତନ୍ତ୍ରର ଜନନୀ" ପୁସ୍ତକ ପ୍ରଦାନ କରୁଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସାଥୀରେ ଅଛନ୍ତି ଶିକ୍ଷା ରାଷ୍ଟ୍ର ମନ୍ତ୍ରୀ ଡା. ସୁବାଷ ସରକାର, ଡା.ରାଜକୁମାର ରଞ୍ଜନ ସିଂହ, ଆଇସିଏଚ୍‌ଆର ଚେୟାରମ୍ୟାନ ପ୍ରଫେସର ରଘୁବେନ୍ଦ୍ର ତନୱାର ଏବଂ ଆଇସିଏଚ୍‌ଆର ସେକ୍‌ରେଟାରୀ ଉମେଶ କଦମ

ତୁମୁଡିବନ୍ଧ ସରସ୍ୱତୀ ବିଦ୍ୟାମନ୍ଦିରରେ ଜାତୀୟ ଗଣିତ ଦିବସ ପାଳିତ

କନ୍ଧମାଳ ,(ପି.ଏନ): ତୁମୁଡିବନ୍ଧ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜାତୀୟ ଗଣିତ ଦିବସ ପାଳନ ହୋଇ ଯାଇଛି । ଭାରତର ବିଶିଷ୍ଟ ଗାଣିତିକ ଶ୍ରୀନିବାସ ଆୟେଙ୍ଗାର ରାମାନୁଜମ ଙ୍କର ଜନ୍ମ ୧୮୮୭ ଡିସେମ୍ବର ବାଇଶିରେ ହୋଇଥିଲା । ମାତ୍ର ବତିଶି ବର୍ଷରେ ଦେହ ତ୍ୟାଗ କରିଥିଲେ ମଧ୍ୟ ଗଣିତରେ ସେ ବିଶ୍ୱ ବିଖ୍ୟାତ ଥିବା କାରଣରୁ ତାଙ୍କ ଜନ୍ମ ଦିନକୁ ଜାତୀୟ ଗଣିତ ଦିବସ ପାଳନ କରାଯାଉଅଛି ବୋଲି ପ୍ରଧାନ ଆଚାର୍ଯ୍ୟ ଶ୍ରୀ କୈଳାଶ ଚନ୍ଦ୍ର ଧଳ ଶିଶୁମାନଙ୍କୁ ଅବଗତ କରାଇଥିଲେ,। ପରେ ଶିଶୁ ମାନଙ୍କ ମଧ୍ୟରେ ବୈଦିକ ଗଣିତ ଓ ପଣକିଆ ପ୍ରତିଯୋଗିତା ହୋଇଥିଲା । ଏହି ଅବସରରେ ପରିବା ହାଟ ପିଲାମାନେ ପ୍ରଦର୍ଶନ କରିଥିଲେ । ଶିଶୁମାନେ ବୁଲି ବୁଲି ପରିବା କିଣିବା ସହ ଦୈନନ୍ଦିନ ଜୀବନରେ ଗଣିତର ପ୍ରୟୋଗ କଳା ଶିଖିଥିଲେ । ଗଣିତ ଦିବସରେ ପରିବା ହାଟରୁ ପରିବା କିଣିବା ବାହାନାରେ ମନସାଙ୍କ ଗଣିତର ବ୍ୟବହାର ଶିଖିଥିଲେ ।

2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

ଶବ ନେଇ ଆମ୍ବୁଲାନ୍ସ ଠିଆ ହେଲା ୬ ଘଣ୍ଟା, ପ୍ରଶାସନ ହସ୍ତକ୍ଷେପରେ ଅନ୍ୟତ୍ର ହେଲା ସଂସ୍କାର

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲା ଫିରିଙ୍ଗିଆଠାରେ ଜଣେ କରୋନା ସଂକ୍ରମିତଙ୍କର ମୃତ୍ୟୁ ହେବାପରେ ପ୍ରଶାସନ ତରଫରୁ ଅସ୍ଥାୟୀ ଭାବରେ ନିର୍ଦ୍ଧାରଣ କରାଯାଇଥିବା ଶ୍ମଶାନରେ ଶବଦାହ କରିବାକୁ ବିରୋଧ କରି ଅଂଚଳବାସୀ ଶବ ନେଇଥିବା ଆମ୍ବୁଲାନ୍ସକୁ ୬ ଘଣ୍ଟା ଧରି ଅଟକାଇବା ସହିତ ସେଠାରେ ଶବଦାହ କରିବାକୁ ବିରୋଧ କରିବାରୁ ଅଡୁଆରେ ପଡିଥିଲେ ମୃତକଙ୍କ ପରିବାର ଲୋକେ । ଫଳରେ ସେଠାରେ ଫିରିଙ୍ଗିଆ ତହସିଲଦାର ପୁନମ ରାଉତ ଏବଂ ଥାନା ଅଧିକାରୀ ପି.ଶ୍ୟାମସୁନ୍ଦର ରାଓ ପହଂଚି ଲୋକଙ୍କୁ ବୁଝାସୁଝା କରିବାପରେ ମଧ୍ୟ ସେଠାରେ ଥିବା ଲୋକମାନେ ସବୁବେଳେ ଯାତାୟାତ କରୁଥିବାରୁ ସେଠାରେ କୋଭିଡ୍ ରୋଗୀର ଶବକୁ ପୋଡିବାକୁ ବିରୋଧ କରିଥିଲେ । ଫଳରେ ପ୍ରଶାସନ ଓ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK

Bhubaneswar Saturday December 24, 2022 ଭୁବନେଶ୍ୱର ଶନିବାର, ଡିସେମ୍ବର ୨୪,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮

ମୋହନ ଜେନାଙ୍କ ଏକାଦଶାହ ଉପଲକ୍ଷେ ସ୍ମୃତି ଶ୍ରଦ୍ଧାଞ୍ଜଳି

ଦର୍ପଣ, (ପିଏନ)-ପୂର୍ବତନ ସାଂସଦ ମୋହନ ଜେନାଙ୍କ ଏକାଦଶାହ ଉପଲକ୍ଷେ ସ୍ମୃତି ଶ୍ରଦ୍ଧାଞ୍ଜଳି ମୋହନ ଜେନା ସ୍ମୃତି ସଂସଦ ପକ୍ଷରୁ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି.ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର ଶାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାକୁ ବରିଷ୍ଠ ବିଜେଡି ନେତା ପ୍ରିୟନାଥ ମହାପାତ୍ର ସଂଚାଳନ କରିଥିଲେ.ଏଥିରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ,ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର,ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥି,କଟକ ବିଧାୟକ ମହମ୍ମଦ ମୋକିମ, ପୂର୍ବତନ ସାଂସଦ ରିତା ତରେଇ,ପୂର୍ବତନ ଧର୍ମଶାଳା ବିଧାୟକ ଗୁରୁଚରଣ ଟୀକାୟତ,ପୂର୍ବତନ ସାଂସଦ ଅର୍ଚନା ନାୟକ,ବିଶିଷ୍ଟ ଶ୍ରମିକ ନେତା ମାୟାଧର ନାୟକ,ପୂର୍ବତନ ପୌରାଧକ୍ଷ ସବିତା ରାଉତ,ଜିଲ୍ଲା ପରିଷଦ ଅଧକ୍ଷ ନଳିନିପ୍ରଭା ଜେନା,ବିଜେପି ନେତ୍ରୀ ଶ୍ରିମନ୍ତିନୀ ଜେନା,ଉପାଧ୍ୟକ୍ଷ ଗଣେଶ୍ୱର ବରାଳ,ବଡ଼ଚଣା ପଂଚାୟତ ସମିତି ଅଧକ୍ଷ ମିନତୀ ସେନାପତି,ଉପଧକ୍ଷ ବିଭାସ ଚନ୍ଦ୍ର ନନ୍ଦ,ପୂର୍ବତନ ପଂଚାୟତ ସମିତି ଅଧକ୍ଷ କୈଳାଶ ଚନ୍ଦ୍ର ରାଉତ,ପୂର୍ବତନ ପଂଚାୟତ ସମିତି ଅଧକ୍ଷ ନିରଞ୍ଜନ ସାହୁ,ବରିଷ୍ଠ ନାଗରିକ ଜଚିନ୍ଦ୍ର ଜେନା,ଆଇନଜୀବୀ ଦେବରାଜ ବେହେରା,ଉଦୟନାଥ ସାହୁ,ରମାକାନ୍ତ ରାଉତ,ପ୍ରଦୀପ ଧଳ,ସୁଶ୍ରୀ କାମିନୀ ନାୟକ,ସମରକେତନ ଲେଙ୍କା,ପ୍ରଦୀପ୍ତ ଜେନା,ପ୍ରମୋଦ ଜେନା,ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ,ଜଚିନ୍ଦ୍ର ନାୟକ,ଅନନ୍ତ ଷେଣ୍ଠ,ରମେଶ ଚନ୍ଦ୍ର ପୃଷ୍ଟି,ଖିରୋଦ ମହଲାଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ରହି ମୋହନ ଜେନାଙ୍କର ସ୍ମୃତି ଚାରଣ କରିଥିଲେ,ତାଙ୍କର ଅଧୁରା ସ୍ୱପ୍ନକୁ ପୂରଣ କରିବାକୁ ସମସ୍ତେ ଆଗେଇଆସିଲେ ତାହିଁ ତାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ଅତିଥିମାନେ କହିଥିଲେ.ଏହି ଉପଲକ୍ଷେ 'ସଂଗ୍ରାମୀ ମୋହନ' ନାମକ ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ.

ରାତ୍ରି ତାପମାତ୍ରା ୬ ଡ଼ିଗ୍ରୀ ସହ ଜି.ଉଦୟଗିରି ରାଜ୍ୟର ସବୁଠୁ ଥଣ୍ଡା ସହର

ଭୁବନେଶ୍ୱର, (ପି.ଏନ): ରାଜ୍ୟରେ ଶୀତର ପ୍ରକୋପ ଜାରୀ ରହିଛି । ରାତ୍ରି ତାପମାତ୍ରା ୬ ଡ଼ିଗ୍ରୀ ସହ କନ୍ଧମାଳ ଜିଲ୍ଲାର ଜି.ଉଦୟଗିରି ରାଜ୍ୟର ସବୁଠୁ ଥଣ୍ଡା ସହର ରହିଛି । ସେହିପରି କୋରାପୁଟ ଜିଲ୍ଲାର ସେମିଲିଗୁଡାରେ ୬.୫ ଡ଼ିଗ୍ରୀ, ସୁନ୍ଦରଗଡ଼ ଜିଲ୍ଲାର କିରେଇରେ ୭.୮ ଡ଼ିଗ୍ରୀ, କନ୍ଧମାଳ ଜିଲ୍ଲାର ଫୁଲବାଣୀରେ ୮ ଡ଼ିଗ୍ରୀ, ସମ୍ବଲପୁରର ଚିପିଲିମାରେ ୮.୨ ଡ଼ିଗ୍ରୀ, ଝାରସୁଗୁଡ଼ାରେ ୮.୭ ଡ଼ିଗ୍ରୀ, ସୁନ୍ଦରଗଡ଼ରେ ୯.୪ ଡ଼ିଗ୍ରୀ ଏବଂ କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡ଼ିରେ ରାତ୍ରିକାଳୀନ ତାପମାତ୍ରା୧୦ ଡ଼ିଗ୍ରୀ ରେକର୍ଡ଼ ହୋଇଛି ।ଅନୁରୂପ ଭାବେ ଟ୍ୱିନ୍ ସିଟି କଟକ, ଭୁବନେଶ୍ୱରରେ ଯଥାକ୍ରମେ ୧୪.୪ ଏବଂ ୧୪.୬ ଡ଼ିଗ୍ରୀ ରେକର୍ଡ଼ ହୋଇଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ହୋଇଥିବା ଏକ ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

ଦୁଇ ଗୋଷ୍ଠି ମଧ୍ୟରେ ସଙ୍ଘର୍ଷ : ଜଣେ ମୃତ, ୨ ଗୁରୁତର

ଗଞ୍ଜାମ, (ପି.ଏନ): ଗଞ୍ଜାମ ଜିଲ୍ଲା ଜରଡ଼ା ଥାନା ପାତ୍ରପୁର ବ୍ଲକ ଅନ୍ତର୍ଗତ ସାମନ୍ତିଆପଲ୍ଲୀ ପଚାଂୟତ କାର୍ଯ୍ୟାଳୟ ସମ୍ମୁଖରେ ଆଜି ସକାଳେ ଦୁଇ ଗୋଷ୍ଠି ମଧ୍ୟରେ ସଙ୍ଘର୍ଷ ଘଟି ଜଣକର ମୃତ୍ୟୁ ଘଟିଛି । ଘଟଣାରେ ଅନ୍ୟ ଦୁଇ ଜଣ ଗୁରୁତର ହୋଇଛନ୍ତି । ସେମାନଙ୍କୁ ପ୍ରଥମେ ପାତ୍ରପୁର ମେଡ଼ିକାଲ ଏବଂ ପରେ ଅଧିକ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି ।

ବିଧାନସଭା ହାଉସ ସବ କମିଟିର ଝାରସୁଗୁଡ଼ା ଜିଲ୍ଲା ଗସ୍ତ

ଝାରସୁଗୁଡ଼ା,(ପି.ଏନ): ବିଧାନସଭା ହାଉସ ସବ କମିଟି ୨ ଦିନିଆ ଝାରସୁଗୁଡ଼ା ଜିଲ୍ଲା ଗସ୍ତ କରି ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ରାଇସମିଲ ବୁଲି ଦେଖିବା ସହ ଶିଳ୍ପ ଓ ରାଇସମିଲରୁ ଉଦବୃତ ବର୍ଜ୍ୟ ଜଳର ପ୍ରଭାବ ବିଭିନ୍ନ ଜଳଉତ୍ସ କିଭଳି ପଡୁଛି ତାହା ଅନୁଧ୍ୟାନ କରିଛନ୍ତି । ସମୀକ୍ଷା ବୈଠକରେ କମିଟି ଜିଲ୍ଲାରେ ଜଳ, ବାୟୁ ଓ ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ଥିବା ନିର୍ଦ୍ଦେଶାବଳୀର କିଭଳି ସଠିକ ଅନୁପାଳନ କରାଯିବ ସେ ନେଇ ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଛନ୍ତି । ଜିଲ୍ଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ କମିଟି ଅଧକ୍ଷ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କମିଟି ସଭ୍ୟ ନାଉରୀ ନାଏକ, ପ୍ରକାଶ ସୋରେନ ଓ ଡ. ସି.ଏସ. ରାଜିନ ଏକ୍କା, ଜିଲ୍ଲାପାଳ ସରୋଜ କୁମାର ସାମଲ, ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ ପ୍ରମୁଖ ଉପସ୍ଥିତ ଥିଲେ । ପରିବେଶକୁ ସୁରକ୍ଷା ଦେବା ଆମର କର୍ତବ୍ୟ ଓ ପ୍ରାଥମିକତା ହେବା ଉଚିତ ବୋଲି କମିଟି କହିଛନ୍ତି । ବର୍ଜ୍ୟ ଜଳର ଉପଯୁକ୍ତ ଟ୍ରିଟମେଂଟ କରିବା, ଉଦବୃତ ପ୍ରଦୂଷିତ ଜଳ ଯେପରି କାରଖାନା ବାହାରକୁ ନ ଯିବା, ନିୟମ ଅନୁଯାୟୀ ଆନୁପାତିକ ବୃକ୍ଷରୋପଣ ଓ ପ୍ରଦୂଷଣ ମାତ୍ରା କମେଇବା ଉପରେ କମିଟି ଗୁରୁତ୍ୱାରୋପ କରିଥିଲେ । ମିଳିତ ଉଦ୍ୟମ ଓ ସହଯୋଗୀ ମନୋଭାବ ନେଇ କାର୍ଯ୍ୟ କରିବା ଓ ଜିଲ୍ଲାକୁ ଅଗ୍ରଣୀ ଜିଲ୍ଲାରେ ପରିଣତ କରିବା ପାଇଁ ଆନ୍ତରିକତାର ସହ କାର୍ଯ୍ୟ କରିବାକୁ କମିଟି ପରାମର୍ଶ ଦେଇଛନ୍ତି । ପରିବେଶ ସୁରକ୍ଷା ଦିଗରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଜିଲ୍ଲାପାଳ ଶ୍ରୀ ସାମଲ କମିଟିକୁ ଅବଗତ କରାଇଥିଲେ ।କମିଟି ଆଜି ସକାଳେ ଏସ ଏମ୍ ସି ପାୱାର ଜେନେରେସନ, ଓପିଜିସି ଓ ବେଦାନ୍ତ ଶିଳ୍ପାନୁଷ୍ଠାନ ପରିଦର୍ଶନ କରିଥିଲେ । ବୈଠକରେ ଜିଲ୍ଲାର ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସମେତ ଶିଳ୍ପାନୁଷ୍ଠାନ ଓ ରାଇସମିଲର କର୍ମକର୍ତା ଉପସ୍ଥିତ ଥିଲେ ।

ଜୟ ନାରାୟଣ ନାମକ ଶିଶୁପୁତ୍ରର ପ୍ରଥମ ଜନ୍ମ ବାର୍ଷିକ ପାଳିତ

ଦର୍ପଣ,(ପି.ଏନ): ବଡ଼ଚଣା ବ୍ଲକ ଅନ୍ତର୍ଗତ ଦେଉଳକୁର ଗ୍ରାମର ପ୍ରଧାନ ସାହି ହାରାମଣି ଅନାଦି ବାସଭବନରେ ଶିଶୁପୁତ୍ରରର ଜନ୍ମ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜନ୍ମଦିନ ଉପଲକ୍ଷେ ପ୍ରଭୁ ଶ୍ରୀ ସତ୍ୟ ନାରନାୟ ପୂଜା କରାଯାଥିଲା । ଏହି ପୂଜା ଉତ୍ସବରେ ବଡ଼ଚଣାର ବିଧାୟକ ଅମର ପ୍ରସାଦ ଶତପଥୀ, ବିଜେପି ନେତା ଅମର ନାୟକ, କଂଗ୍ରେସ ନେତା କ୍ୟାପ୍‌ଟେନ ରାଜନାରାୟଣ ମହାପାତ୍ର, ରାଜ୍ୟ ବିଜେଡି ସାଧାରଣ ସଂପାଦକ ଜନ୍ମେଜୟଲେଙ୍କା, ଅଧିକାରୀ ରବୀନ୍ଦ୍ର ନାଥ ଦାଶ, ଯାଜପୁର ଜିଲ୍ଲାପରିଷଦ ଉପାଧକ୍ଷ ଗଣେଶ୍ୱର ବରାଳ, ପ୍ରାକ୍ତନ ଜିଲ୍ଲାପରିଷଦ ରମାକାନ୍ତ ରାଉତ, ବରିଷ୍ଠ ନାଗରିକ କାର୍ତୀକ ଚନ୍ଦ୍ର ପ୍ରଧାନ, ଜାନକୀ ବଲ୍ଲଭ ପ୍ରଧାନ, ବୀରକିଶୋର ପ୍ରଧାନ, ବ୍ରଜ କିଶୋର ସ୍ୱାଇଁ, ସ୍ମୃତିରଂଜନ ପ୍ରଧାନ, ମାମିନା ପ୍ରଧାନ, ଜୟନ୍ତି ରାଉତ, ଆଲୋକବାଳା ପ୍ରଧାନ, ରୁଦ୍ର ନାରାୟଣ ପ୍ରଧାନ, ଜଗନ୍ନାଥ ପ୍ରଧାନ, ସଂଞ୍ଜୟ ପ୍ରଧାନ, ସାମ୍ବାଦିକ ପ୍ରତାପ କେଶରୀ ରାଉତରାୟ, ଶିକ୍ଷକ ହିମାଂଶୁ ବିଶ୍ୱାଳ, ବିଚିତ୍ରା ନନ୍ଦ ମହାନ୍ତି, ନିବେଦିତା ପ୍ରଧାନ, ସନ୍ତୋଷ କୁମାର ବେଜ୍,ନୀଳକଣ୍ଠ ମିଶ୍ର, ପଦୀପ୍ତ କୁମାର ପ୍ରଧାନ , ଇଂ ସ୍ମୃତିରଞ୍ଜନ ପ୍ରଧାନ, ସମାଜସେବୀ ବଦ୍ରିନାରାୟଣ ପ୍ରଧାନ, କ୍ରୀଡାବିତ ରୁଦ୍ର ନାରାୟଣ ପ୍ରଧାନ, ସଞ୍ଜୟ ପ୍ରଧାନ, ଆର୍ତତ୍ରାଣ ପ୍ରଧାନ, ଜଗନ୍ନାଥ ପ୍ରଧାନ, ପ୍ରକାଶ ପ୍ରଧାନ, ରବୀନ୍ଦ୍ର ପ୍ରଧାନ, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ତ୍ରିଲୋଚନ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ନାଗରିକ ଶତାୟୁ ପୁରୁଷ, ନିରଞ୍ଜନ ପ୍ରଧାନ ସମସ୍ତଙ୍କର ଦୀର୍ଘ ଜୀବନ କାମନା କରିଥିଲେ। ଉପସ୍ଥିତ ଅତିଥି ବୃନ୍ଦ ଶିଶୁପୁତ୍ରକୁ ଆର୍ଶୀବାଦ କରିବା ସହିତ ତାର ଜୀବନ ସୁଖମୟ ଓ ନିରାମୟ ହେବାପାଇଁ ପ୍ରଭୁ ଶ୍ରିଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରିଥିଲେ। ସର୍ବଶେଷରେ ମନୋଜ କୁମାର ଗୋଛାୟତ ସମସ୍ତଙ୍କୁ କୃତଜ୍ଞତା ଜଣାଇବା ସହ ଆଶିର୍ବାଦ ଭିକ୍ଷା କରିଥିଲେ।

ଡିଏଭି ପୋଖରୀପୁଟର ବାର୍ଷିକ ଉତ୍ସବ 'କାଭିସ୍' ଉଦ୍‌ଯାପିତ

ଭୁବନେଶ୍ୱର ,(ପି.ଏନ): ଡିଏଭି ପୋଖରୀପୁଟର ବାର୍ଷିକ ଉତ୍ସବ 'କାଭିସ୍' ଉଦ୍‌ଯାପିତ ହୋଇଯାଇଛି । ପାରମ୍ପରିକ ରୀତିରେ ବେଦମନ୍ତ୍ର ପାଠ ସହ ଡିଏଭି ଗାନପୂର୍ବକ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ସାମୂହିକ ସଙ୍ଗୀତ ଗାନ ପରେ ବିଦ୍ୟାଳୟ ପରିଚାଳନା ସମିତିର ଚେୟାରମ୍ୟାନ୍ ଡକ୍ଟର ଅରୁଣ କୁମାର ରଥ ଅତିଥିମାନଙ୍କର ସ୍ୱାଗତ ପରିଚୟ ପ୍ରଦାନ କରିଥିଲେ । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥିରୂପେ ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟର କୁଳପତି ଯୋଗଦାନ କରି 'ସାମୂହିକ ସହଯୋଗ ଓ ଉଦ୍ୟମ ସଫଳତାର ମହାମନ୍ତ୍ର' ବୋଲି ମତବ୍ୟକ୍ତ କରିଥିଲେ । ବିଦ୍ୟାଳୟର ଅଧକ୍ଷା ତଥା ସହ ଆଞ୍ଚଳିକ ଅଧିକାରୀ ଡ. ସୁଜାତା ଚଳିତ ବର୍ଷର ବିବିଧ କାର୍ଯ୍ୟକ୍ରମ ତଥା କୃତିତ୍ୱ ସମ୍ବନ୍ଧୀୟ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ପ୍ରତିଭା ସମ୍ପନ୍ନ ଛାତ୍ରଛାତ୍ରୀ, ଦଶମ ଶ୍ରେଣୀର କୃତିତ୍ୱଧାରୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିଜର କର୍ମ ନିପୁଣତା ପାଇଁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟର ସାଂସ୍କୃତିକ ବିଭାଗର ସହ-ସଂଯୋଜିକା ସ୍ମୃତି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାୟ ୬୦୦ ବିଦ୍ୟାର୍ଥୀଙ୍କ ଦ୍ୱାରା ଆକର୍ଷଣୀୟ ମନୋରନଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମକୁ ୩୦୦୦ରୁ ଊର୍ଦ୍ଧ୍ୱ ଦର୍ଶକ ମନଭରି ଉପଭୋଗ କରି କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ଶାସ୍ତ୍ରୀୟ ନୃତ୍ୟ, ଫିଫା ଫିଭର, ଗଣତନ୍ତ୍ରର ଚାରୋଟି ସ୍ତମ୍ଭ, ଓଡ଼ିଆ ଡ୍ରାମା - ଯିଏ ସୁଖ ଦୁଃଖରେ ସାଥୀ, ଡିସ୍କୋ ଡ୍ୟାନ୍‌ସ ଆଦି କାର୍ଯ୍ୟକ୍ରମକୁ ଚିତ୍ତାକର୍ଷକ ଶୈଳୀରେ ଶିଶୁଶିଳ୍ପୀମାନେ ପରିବେଷଣ କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥଲେ।

କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଜାତୀୟ ଗଣିତ ଦିବସ

କେନ୍ଦ୍ରାପଡ଼ା,(ପି.ଏନ):କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ମହାବିଦ୍ୟାଳୟର ଗଣିତ ବିଭାଗରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଗଣିତ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଓ ଅଧ୍ୟାପକମାନେ ଉପସ୍ଥିତ ଥିଲେ । ବିଭାଗୀୟ ମୁଖ୍ୟ ପ୍ରଫେସର ଅଶୋକ କୁମାର ଦାସ ଏହି ସଭାକୁ ପରିଚାଳନା କରିଥିଲେ । ପ୍ରାଧ୍ୟାପକ ଅଶୋକ କୁମାର ମିଶ୍ର ସଭାର ଉଦେଶ୍ୟ ଓ ଗଣିତଜ୍ଞ ରାମାନୁଜନଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଅଧ୍ୟାପକ ଅମରେନ୍ଦ୍ର ମଳିକ ଶ୍ରୀନିବାସ ରାମାନୁଜନଙ୍କ ଗଣିତଶାସ୍ତ୍ରକୁ ଅବଦାନ ଉପରେ ବର୍ଣ୍ଣନା କରିଥିଲେ । ଏହି ସଭାରେ ବହୁ ଛାତ୍ରଛାତ୍ରୀ ରାମାନୁଜନଙ୍କ ଗଣିତଶାସ୍ତ୍ରକୁ ଅବଦାନ ଓ ବିଜ୍ଞାନ ପାଇଁ ଗଣିତଶାସ୍ତ୍ରର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ । ଶେଷରେ ତୃତୀୟ ବର୍ଷ ଛାତ୍ର ସ୍ୱରୂପ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

ଅଙ୍ଗନୱାଡି କର୍ମୀ ଓ ସହୟିକାଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ: ଶିଶୁ ଓ ଗର୍ଭବତୀ ମହିଳା ସେବା ପାଇବାରୁ ବଂଚିତ

ଘଟଗାଁ, (ପି.ଏନ): ଅଲଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କସ ଆସୋସିଏସନ ଆହ୍ୱାନରେ ସାରାଓଡିଶା ଅଙ୍ଗନୱାଡି କର୍ମୀମାନେ ଆଠଦଫା ଦାବୀ ପୂରଣ ପାଇଁ କାର୍ଯ ବନ୍ଦ ଆନ୍ଦୋଳନରେ କେନ୍ଦୁଝର ଜିଲ୍ଲାର ଘଟଗାଁ ଶିଶୁବିକାଶ କାର୍ଯାଳୟ ଅଧୀନରେ ଥିବା ୧୮୧ ଅଙ୍ଗନୱାଡି କେନ୍ଦ୍ର, ୮୦ଟି ମିନି ଅଙ୍ଗନୱାଡି କେନ୍ଦ୍ରରେ ଥିବା ହିତାଧିକାରୀ ମାନେ ପୁଷ୍ଟିକର ଖାଦ୍ୟ ସମେତ ସେବାରୁ ବଂଚିତ ହେଉଥିବା ନେଇ ସାଧାରଣରେ ଉଦବେଗ ପ୍ରକାଶ ପାଇଛି । ସୂଚନାଯୋଗ୍ୟଯେ,୨୦୨୨ ନଭେମ୍ବର ମାସ ୨୧ ତାରିଖ ଠାରୁ କର୍ମୀମାନେ ବିଧାନସଭା ସମ୍ମୁଖରେ ନିଜର ୮ଦଫା ଦାବୀ ଯଥା- ସରକାରୀ କର୍ମଚାରୀ ମାନ୍ୟତା ମାସିକ୧୮ ହଜାର ଟଙ୍କା, ସହୟିକାଙ୍କୁ ୯ ହଜାର ଟଙ୍କା ଦରମା ବୃଦ୍ଧି, ମିନି ଅଙ୍ଗନୱାଡି କର୍ମୀମାନଙ୍କୁ ମୁଖ୍ୟକର୍ମୀ ରୂପେ ଘୋଷଣାକରିବା, ଅବସର ପେନସନ ୫ ଲକ୍ଷ ଟଙ୍କା ପ୍ରଦାନକରିବା ଓ ମାସିକ ୫ ହଜାର ଟଙ୍କା ପେନସନ ଦେବା, ଚାକିରୀ ସମୟରେ ମୃତ୍ୟୁବରଣ କଲେ ପରିବାରର ଜଣକୁ ନିଯୁକ୍ତି, ଗାଁକଲ୍ୟାଣ ସମିତିରୁ ଆଶାଙ୍କୁ ବାଦଦେବା, ସୁପରଭାଇଜର ପଦବୀ ନିଯୁକ୍ତି ପାଇଁ ଧାରଣା ଦେଇଥିବା କାରଣରୁ ଶିଶୁ ଖାଦ୍ୟ, ଗର୍ଭବତୀ ପ୍ରସୂତୀଙ୍କ ଖାଦ୍ୟ ଓ ସେବାରୁବଂଚିତ ହେବା ସହ ଶିଶୁମାନେ ଶିକ୍ଷା, ପୁଷ୍ଟିକର ଖାଦ୍ୟପାଇବାରୁ ବଂଚିତ ହେଉଥିବା ଦେଖାଦେଇଛି । ଯାହାକୁ ନେଇ ହିତାଧିକାରୀଙ୍କ ପରିବାର ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି ।

ଆମ୍ବଗଡ ସେବା ସମବାୟ ସମିତିରେ ଧାନ ମଣ୍ଡି ଶୁଭାରମ୍ଭ

ଗଞ୍ଜାମ, (ପି.ଏନ): ଗଂଜାମ ଜିଲା କୁକୁଡ଼ାଖଣ୍ଡି ବ୍ଲକ୍ ଅନ୍ତର୍ଗତ ଆମ୍ବଗଡ଼ ସେବା ସମବାୟ ସମିତିରେ ଧାନମଣ୍ଡି ଆଜି ଶୁଭାରମ୍ଭ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ସମବାୟ ସମିତିର ସଭାପତି କାହ୍ନୁଚରଣ ପାତ୍ର ଯୋଗଦେଇ ଏହାର ଶୁଭଉଦଘାଟନ କରିଥିଲେ । ସଂପାଦକ ସନ୍ତୋଷ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଆଜି ଠାରୁ ଚାଷୀ ମାନଙ୍କ ଠାରୁ ଏହି ମଣ୍ଡିରେ ଧାନକ୍ରୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ୧୬ଶହ କୁଇଟାଂଲ ଧାନକ୍ରୟ ପାଇଁ ଆମ୍ବଗଡ଼ ସେବା ସମବାୟ ସମିତିର ଲକ୍ଷ୍ୟ ରଖିଥିବା ବେଳେ ଆଜି ପ୍ରଥମ ଦିନରେ ୭୫ କୁଇଟାଂଲ ଧାନ କ୍ରୟ କରାଯାଇଥିଲା । ଏହି ସେବା ସମିତିରେ ୧୭୦ ଜଣ ଚାଷୀ ନାମ ପଞ୍ଜିକୃତ କରିଥିବା ଜଣାପଡ଼ିଛି । ଆସନ୍ତା ୩୧ ମାର୍ଚ୍ଚ ୨୦୨୩ ପର୍ଯ୍ୟନ୍ତ ଏହି ଧାନ ସଂଗୃହିତ କାର୍ଯ୍ୟକ୍ରମ ଜାରୀ ରହିବ ବୋଲି ସଭାପତି ଶ୍ରୀ ପାତ୍ର ସୂଚନା ଦେଇଛନ୍ତି ।ଏହି ଅବସରରେ ଉପସଭାନେତ୍ରୀ ସରସ୍ୱତୀ ରାଉତ, ଡ଼ାଟାଏଣ୍ଟ୍ରି ଅପରେଟର ପୃଥ୍ୱୀରାଜ ପାଇକ, ଯୁଧିଷ୍ଠିର ବେହେରା, ସବିତା ଜେନା, ମାମୀ ପଣ୍ଡା, ମୁରଲୀ ମହାଙ୍କୁଡ଼, ସଦାନନ୍ଦ ଷଣ୍ଡ, ଶାନ୍ତିଲତା ଦଳେଇ, ସୁନିଲ ମହାଙ୍କୁଡ଼, ମାଗୁଣି ଦାଶ, ଶ୍ରୀକାନ୍ତ ମହାନ୍ତି, ଅନନ୍ତ ସାହୁ, ଲକିନ୍ଦ୍ର ପାତ୍ର, ଲୋକନାଥ ପାତ୍ରଙ୍କ ସମେତ ବହୁ ମିଲ୍ ମାଲିକ ଓ ବହୁ ଚାଷୀ ଉପସ୍ଥିତ ଥିଲେ ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray